## ବାଲପୁର ମହିମା ହାଇସ୍କୁଲର ବାର୍ଷିକ ଉତ୍ସବ




ଲଛିପୁର, ୧୧।୧(ସମିସ): ସୋନପୁର ବ୍ଲକ ବାଲପୁର ମହିମା ହାଇସ୍କୁଲର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିନୋଦ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚକୋରମାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶଙ୍କର ପ୍ରସାଦ ସା, ମୁଖ୍ୟବକ୍ତା ଭାବେ କୋଶଳ କବି ତଥା ଗଙ୍ଗାଧର ମେହେର ହାଇସ୍କୁଲର ହିନ୍ଦୀ ଶିକ୍ଷକ ବନବାସ ମେହେର ଯୋଗଦେଇଥିଲେ। ମାନେଶ୍ବର ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ଦଶମ ଶ୍ରେଣୀର ଛାତ୍ର ସମ୍ବିତ ନାଗ ଓ ବାଳିକା ବିଭାଗରେ ସଂଯୁକ୍ତା ଭରସାଗର ଚାମ୍ପିଅନ ହୋଇଥିଲେ। ପରିଚାଳନାରେ ଭଜମନ କ୍ଷେତି, ଦିଲ୍ଲୀପ ପଧାନ, ଦେବାନନ୍ଦ ପଧାନ, ରବିନାରାୟଣ ସା, ତାରାଚାନ୍ଦ ସା ଓ ସୁଶୀଲ ପାତ୍ର ସହଯୋଗ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଅଭିଭାବକ କମିଟି ବୈଠକ

ସୁବଳୟା, ୧୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦଣ୍ଡଧର ପାତ୍ରଙ୍କ ସଭାପତିତ୍ୱରେ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟକୁ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତାନୁ କୁମ୍ଭକାର ପରିଦର୍ଶନରେ ଆସିଥିଲେ। ସେହିପରି କେନଝରିଆପାଲି କ୍ଲଷ୍ଟରର ଅଧୀନରେ ଥିବାସମସ୍ତ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିପରି ମୁର୍ଷୁଣ୍ଡୀ କ୍ଲଷ୍ଟରର ସ୍ଥାନୀୟ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଳିଆ କର୍ମୀ ସଭାପତିତ୍ୱ କରି ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ବକ୍ତବ୍ୟ ଓ ସହକାରୀ ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ୩୦୦ରୁ ଅଧିକ ଅଭିଭାବକ ଅଭିଭାବିକା ଯୋଗଦେଇଥିଲେ। ଶିକ୍ଷକଶିକ୍ଷୟିତ୍ରୀ ଯଥା ସଙ୍ଗୀତା ପଧାନ, ମମତା ବେହେରା, ପ୍ରଦ୍ୟୁମ୍ନ ସେଠୀ ଓ ସଚ୍ଚିଦାନନ୍ଦ ବରିହା ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପରିଚାଳନା ସଭାପତି ମନୋଜ ନାଏକ ଯୋଗଦେଇଥିଲେ। ଶେଷରେ ଶ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଭୋଇ ଗବେଷଣା କେନ୍ଦ୍ରର ନୂତନ କମିଟି ଗଠିତ

ଲଛିପୁର, ୧୧।୧(ସମିସ): ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଅସୁରମୁଣ୍ଡା ଭୀମଭୋଇ ଗବେଷଣା କେନ୍ଦ୍ର ପ୍ରାଙ୍ଗଣରେ ଭୀମଭୋଇ ଗବେଷଣା କେନ୍ଦ୍ରର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ବୈଠକରେ ଅବସରପ୍ରାପ୍ତ ଡା. ରାଜେନ୍ଦ୍ର ନେପାକ ସଭାପତିତ୍ୱ କରିଥିଲେ। ପୂର୍ବତନ କମିଟିର କାର୍ଯ୍ୟକାଳ ସମାପ୍ତ ହୋଇଯାଇଥିବାରୁ ନୂତନ କମିଟିର ସଭାପତି ଭାବରେ ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ମେହେର, ଉପସଭାପତି ଭାବରେ ଅଲେଖ ନାଏକ, ସମ୍ପାଦକ ଭାବରେ ଅବିନାଶ ଦାଶଙ୍କୁ ମନୋନୀତ କରାଯାଇଛି। ଭୀମଭୋଇ ଗବେଷଣା କେନ୍ଦ୍ରଟି ଆବର୍ଜନାପୂର୍ଣ୍ଣ ତଥା ଭଗ୍ନାବସ୍ଥାରେ ପଡ଼ିରହିଥିବାରୁ ଏହାର ଉପଯୁକ୍ତ ମରାମତି କରି ବ୍ୟବହାର ଯୋଗ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଅଚଳ ନଳକୂପ ମରାମତି ପାଇଁ ଦାବି

ବୀରମହାରାଜପୁର, ୧୧।୧(ସମିସ): ବୀରମହାରାଜପୁର ଉପକଣ୍ଠ ଚମ୍ପାପୁର ଚମ୍ପାମାଳ ରାସ୍ତାକଡ଼ରେ ଦୀର୍ଘ ଦିନ ହେଲା ଏକ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି। ବିଭାଗୀୟ କର୍ମଚାରୀ ତଥା ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କିଛି କର୍ଣ୍ଣପାତ କରୁ ନ ଥିବା ଚମ୍ପାପୁର ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ବସ୍ତିବାସିନ୍ଦା କଷ୍ଟକରି କିଛି ଦୂରରେ ଥିବା ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହାର ମରାମତି କରି କାର୍ଯ୍ୟକ୍ଷମ କରିବାରେ ସର୍ବସାଧାରଣରେ ଦାବି ହେଉଛି।

## ବାଳକ ହାଇସ୍କୁଲରେ ଶିକ୍ଷକ ଓ ଅଭିଭାବକ ବୈଠକ

ତରଭା, ୧୧।୧(ସମିସ): ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରଜ ସେଠୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଚତୁର୍ଥ ଶିକ୍ଷକ ଓ ଅଭିଭାବକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଏସ୍ଏମ୍ସି ସଭାପତି ନନ୍ଦିନୀ ରଣା ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବୈଠକରେ ଆଲୋଚନା ହେବାକୁ ଥିବା ସମସ୍ତ ବିଷୟର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ପରୀକ୍ଷା ନିମନ୍ତେ ପିଲାମାନଙ୍କର ମାନସିକ ଚାପର ଦୂରୀକରଣ, ଏପିଏଆର ଆଇଡି ପ୍ରସ୍ତୁତି, ପରୀକ୍ଷା ପେ ଚର୍ଚ୍ଚା, ପିଲାମାନଙ୍କୁ ପାଠରେ ଆଗେଇ ନେବାରେ ମାତାପିତାଙ୍କ ଭୂମିକା ଆଦି ବିଷୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର, ରିତାଞ୍ଜଳି ସାହୁ, ପ୍ରତିମା ସାହୁ, ଶ୍ରଦ୍ଧାଞ୍ଜଳି ମଲିକ ଓ ପଦ୍ମାଳୟା ମେହେର ଆଲୋଚନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ୨୫୮ ଜଣ ଅଭିଭାବକ ଅବିଭାବିକା ଉପସ୍ଥିତ ରହି ସଭାକୁ ସାର୍ଥକ କରିଥିଲେ।

## ଜନତା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ

ଶଗଡ଼ା, ୧୧।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁରସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ପଞ୍ଚସଖା ସେତୁର ସଭାପତି ଲଳିତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରେମାନନ୍ଦ ସୁନା ଓ ସାଧବ ଖମାରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଚଣ୍ଡୀ ପ୍ରସାଦ ବେହେରା ସଭାପତିତ୍ୱ କରିଥିଲେ। ଉଦ୍ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଅମ୍ବିକା ସୁନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ରବି ସାହୁ ଓ ଗରିବ ସୁନା ପ୍ରମୁଖ ଯୋଗ ଦେଇଥିଲେ। ବାଳକ ବିଭାଗରେ ଚନ୍ଦନ ବେହେରା ଓ ବାଳିକା ବିଭାଗରେ ଚମେଲି ନାଏକ ଚାମ୍ପିୟନ ହୋଇଥିଲେ। କ୍ରୀଡା ଶିକ୍ଷକ ଆଦିନାଥ ଦାସ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ରାଜେଶ ସେଠୀ, ମାନସ ସାହୁ, କୃତ୍ତିବାସ ଭୋଇ ଅମ୍ବରେଶ ପାଢ଼ୀ, ସୁଶ୍ରିତା ପାତ୍ର, ସୁନିତା ସୁନା, ସୁଚିତ୍ରା ମେହେର, ଦୀପ୍ତିବାଳା ମହାକୁଡ଼, ଭ୍ରମର ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।



### ବାଲିଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକ ସମସ୍ୟା ନେଇ ତାତିଲେ ଅଭିଭାବକ

- ୮ ଶ୍ରେଣୀକୁ ୨ ଶିକ୍ଷକ
- ଗେଟ୍‌ରେ ତାଲା ପକାଇ ଧାରଣା
- ସ୍କୁଲ ପରିଚାଳନା କମିଟି, ଗ୍ରାମବାସୀଙ୍କ ସମର୍ଥନ




**ତରଭା, ୧୧।୧(ସମିସ):**

ତରଭା ବ୍ଲକ ଅଧୀନ ବାଲିଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୮୬୨ ମସିହାରେ ସ୍ଥାପିତ ହୋଇଛି। ଗ୍ରାମାଞ୍ଚଳର ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜାରାଜୁଡା ଅମଳରେ ଆଜକୁ ୧୬୩ ବର୍ଷ ପୂର୍ବେ ଉକ୍ତ ବିଦ୍ୟାଳୟ ସ୍ଥାପିତ ହୋଇଥିବାବେଳେ ବର୍ତ୍ତମାନ ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ଯୋଗୁଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ୨୦୨୪ ଜାନୁଆରୀ ୩୧ ତାରିଖରେ ଜଣେ ଶିକ୍ଷକଙ୍କ ଅବସର ପରେ ସ୍କୁଲରେ ଶିକ୍ଷାଦାନ ପାଇଁ କେବଳ ଦୁଇଜଣ ଶିକ୍ଷକ ରହିଛନ୍ତି। ପ୍ରଥମରୁ ଅଷ୍ଟମ ଶେଣୀ ପାଇଁ ଦୁଇ ଜଣ ଶିକ୍ଷକରେ କେମିତି ଶିକ୍ଷାଦାନ ଚାଲୁଥିବ ତାହା ଅନୁମେୟ। ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ତଥା ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଶୁକ୍ରବାର ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ ସିଆରସିସି ରୋହିତ କୁଆଁର ବିଦ୍ୟାଳୟକୁ ଆସି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହିଥିଲେ। ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ଏବିଇଓ ସତ୍ୟନାରାୟଣ ମହାପାତ୍ର, ସିଆରସିସି ରୋହିତ କୁଆଁର ଓ ଜୟନ୍ତ ମେହେର ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ରାଏକେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭୁବନେଶ୍ୱର କରଣଙ୍କୁ ବାଲିଖମାର ସ୍କୁଲକୁ ବଦଳି ହେବା ଆଦେଶ ଦେବା ସହ ଆଉ ଜଣେ ଶିକ୍ଷକଙ୍କୁ ପନ୍ଦର ଦିନ ଭିତରେ ନିଯୁକ୍ତି ଦିଆଯିବ ବୋଲି ବିଇଓ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଧାରଣାରେ ସମିତି ସଭ୍ୟ ମୁଜଲେମିନ ମହମ୍ମଦ, ପରିଚାଳନା କମିଟି ସଭାପତି ସିରିପ ରଣା, ପଦ୍ମଲୋଚନ ରଣା, ତ୍ରିଲୋଚନ ରଣା, ଉତ୍ତରା ରଣା, ସେହେରା ବିବି, ଜାମ୍ବବତୀ ପୋଡ଼, ମମତା ଭୋଇ, ସରିଫ ଖାନ, ରଶ୍ମିତା ସାହୁ, ନରେନ୍ଦ୍ର ସାହୁ, ଟଙ୍କଧର ଭୋଇ, ହେମ ରଣା, ସରୋଜ ଷଡ଼ଙ୍ଗୀଙ୍କ ସମେତ ଅଭିଭାବକ, ଅଭିଭାବିକା ଓ ଗ୍ରାମବାସୀ ସାମିଲ ଥିଲେ।

## ବରିଷ୍ଠ ନାଗରିକ ସଂଗଠନର ବାର୍ଷିକୋତ୍ସବ ପ୍ରସ୍ତୁତି



**ବୀରମହାରାଜପୁର, ୧୧।୧(ସମିସ):** ସଦର ମହକୁମାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ସଭାପତି ଡ.ପ୍ରଫୁଲ୍ଲ ରଥଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ୧୮ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ସମାଜ ପ୍ରତି ଅବଦାନ ଥିବା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଚୟନ କମିଟି ଗଠନ କରାଯାଇଥିଲା। କମିଟିରେ କୃଷ୍ଣଚନ୍ଦ୍ର ପାଢ଼ୀ, ଗୋପିନାଥ ମହାକୁର, ଭଗବାନ ମିଶ୍ର, ସୌମିତ୍ରୀ ମେହେର ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଚଳିତ ବର୍ଷ ଚମ୍ପାମାଳର ଖତୁପ୍ରସାଦ ହୋତାଙ୍କୁ କଳାକ୍ଷେତ୍ରରେ ଓ ବାଗବରର ବ୍ରଜକୃଷ୍ଣ ପଣ୍ଡାଙ୍କୁ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କୋଷାଧ୍ୟକ୍ଷ ଦୟାନିଧି ହୋତା ଉତ୍ସବର ଆୟବ୍ୟୟର ଅଟକଳ ଉପସ୍ଥାପନ କରିଥିଲେ। ବୈଠକରେ ବଳରାମ କାଣ୍ତ, ତ୍ରିନାଥ ମିଶ୍ର, ସୁରୁ ସାହୁ, ନାରାୟଣ ପ୍ରସାଦ ନାୟକ ପ୍ରମୁଖ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂ ଡ.ସଞ୍ଜୟ ପଣ୍ଡାଙ୍କୁ ନିମନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶେଷରେ ଡ.ଦ୍ୱିତୀକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ସଡ଼କ ସୁରକ୍ଷା ସଚେତନତା



ସୁବଳୟା, ୧୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ କେନଝରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଜୁନିଅର ରେଡ଼କ୍ରସ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସିସି ବିନୟ ବିଶ୍ୱାଳ ଯୋଗଦେଇ ସଡ଼କ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ନିୟମକୁ ଆଲୋକପାତ କରିଥିଲେ। ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଜୀବର୍ଦ୍ଧନ ରଣା, ସହକାରୀ ଶିକ୍ଷକ ଗୌରୀଶଙ୍କର ପୁଜାହାରୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି କେନଝରିଆପାଲି ସାପ୍ତାହିକ ବଜାର ପ୍ରାଙ୍ଗଣରେ ସଡ଼କ ସୁରକ୍ଷା ସଚେତନତା ସ୍ଲୋଗାନ ଓ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ପ୍ରମୋଦ ପାତ୍ର, ଜଗଦିଶ ପଧାନ, ଖେଳ ଶିକ୍ଷକ ସୁରେନ୍ଦ୍ର ପଧାନ, କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି ଓ ସରୋଜ ଭୁକ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ବିଏସ୍ଏଫ୍ ଟିମ୍



ସୋନପୁର, ୧୧।୧(ସମିସ): ଶନିବାର ସ୍ଥାନୀୟ ରୟାଲପଡ଼ିଆରେ ୧୨ତମ ସୁଜନ ନାଗ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁଲ୍-ବି'ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ବିଏସଏଫ ସୋନପୁର ଏବଂ ଶିମିଳିପାଳ ୱାଇଲ୍ଡ ଟାଇଗର ମୟୂରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବିଏସଏଫ ସୋନପୁର ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ବେଷ୍ଟ ଡିଫେନ୍ସ ସାମଲ ହେମରମ ( ମୟୂରଭଞ୍ଜ), ବେଷ୍ଟ ଗୋଲ୍ କିପର ସୁନୀଲ ବାଘ (ସୋନପୁର), ବେଷ୍ଟ ମିଡ ଫିଲ୍ଡ ଚନ୍ଦନ (ସୋନପୁର), ହିରୋ ଅଫ ଦ ମ୍ୟାଚ ଏକଲବ୍ୟ (ସୋନପୁର) ଏବଂ ବେଷ୍ଟ ୱିଙ୍ଗର ଭାବେ କ୍ଷେତ୍ର ସିଂ (ମୟୂରଭଞ୍ଜ) ପ୍ରମୁଖଙ୍କୁ ପୁରସ୍କୃତ କରଯାଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଝାରୀ ଏବଂ ସମ୍ମାନିତ ଅତିଥି ଭାବେ ଏଏସ୍ପି ବୀରେନ୍ଦ୍ର ନାୟକ, ବୟନିକା ସଭାପତି ପ୍ରକାଶ ମେହେର ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌କୁ ମୁଖ୍ୟରେଫରି ଭାବେ ଜଗତ ଜଗଦଲା, ରାଜେନ୍ଦ୍ର ସେଠ ଏବଂ ସହଯୋଗୀ ରେଫରି ଭାବେ ରାଜେନ୍ଦ୍ର ସେଠ ଓ ସନ୍ତୋଷ ପଧାନ ମ୍ୟାଚ କମିଶନର ଭାବରେ ଦାୟିତ୍ୱ ତୁଲାଇ ଥିଲେ। ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ଜଗଦଲା ଏବଂ ରାକେଶ ନାଗ ତୁଲାଇଥିଲେ। ଜନ୍ମେ, ଅନୀଲ, ଋଷବ, ନଟ, ରବି, ମହେଶ, ସିଦ୍ଧାର୍ଥ, ନେଉଳ, ରମେଶ ଏବଂ ଖଗ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଟୁର୍ଣ୍ଣାମେଣ୍ଟ ଗ୍ରାଣ୍ଡ ଫାଇନାଲ ରିଜୁଲ ତରଭା ବନାମ ବିଏସଏଫ ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ।

## ୨୮ରେ କଣ୍ଟାମାଳ ବ୍ଲକରେ ମନରେଗା ଜନ ଶୁଣାଣି

**ଶଗଡ଼ା, ୧୧।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୮ ତାରିଖରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଉପରେ ଜନ ଶୁଣାଣି କରାଯିବ। ୨୦୨୪-୨୫ ଆର୍ଥିକବର୍ଷ (ଦ୍ୱିତୀୟ ପର୍ଯ୍ୟାୟ) ୨୦୨୪ ଜାନୁଆରୀ ୧ରୁ ୨୦୨୪ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ପଞ୍ଚଦଶ ଅର୍ଥ କମିଶନ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥି ନିମନ୍ତେ ଥିବା କୌଣସି ଆପତ୍ତି ଅଭିଯୋଗଗୁଡ଼ିକୁ ଏହି ଜନଶୁଣାଣିରେ ଉପସ୍ଥାପନ କରାଯାଇ ସେଗୁଡିକ ସମାଧାନ ଉପରେ ବିଚାର କରାଯିବ ବୋଲି ପ୍ରସାଶନ ପକ୍ଷରୁ ସୂଚନା ଦିଆ ଯାଇଛି। ଏହି ଜନଶୁଣାଣିରେ ଜନସାଧାରଣ, ଜବକାର୍ଡ଼ଧାରୀ ଏବଂ ଲୋକ ପ୍ରତିନିଧି ଯୋଗଦେଇ ନିଜ ସମସ୍ୟାର ସମାଧାନ କରିବା ସହ ଜନଶୁଣାଣିକୁ ସଫଳ କରିବା ନିମନ୍ତେ ବୌଦ୍ଧ ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଆହ୍ୱାନ ଦେଇଛନ୍ତି।

### ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଘିଚାପାଲିକୁ ହରାଇ କୁଳିହାକାନି ସେମିରେ



ସୁବଳୟା, ୧୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ଅଧୀନ ଖଇରମାଳ ଖେଳପଡ଼ିଆରେ ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଖଇରମାଳ ଓ ଘିଚାପାଲି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖଇରମାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୮୯ରନ କରିଥିବା ବେଳେ ଘିଚାପାଲି ଟିମ୍ ୯୦ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ଟିଠିପାଲି ଓ କୁଳିହାକାନି ମଧ୍ୟରେ ହୋଇଥିଲା। ଏଥିରେ ଟିଠିପାଲି ଟିମ୍ ୮୯ ରନ କରିଥିବା ବେଳେ କୁଳିହାକାନି ଟିମ୍ ୯୦ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା କୁଳିହାକାନି ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ଘିଚାପାଲି ମଧ୍ୟରେ ହୋଇଥିଲା। ଏଥିରେ ଘିଚାପାଲି ଟିମ୍ ୬ଓଭରରେ ୬୬ ରନ କରିଥିବା ବେଳେ କୁଳିହାକାନି ଟିମ୍ ୧୦୦ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ସ୍ୱେଚ୍ଛାସେବୀ ସୁନୀଲ ବିଶି ଅତିଥି ଭାବେ ଯୋଗଦେଇ କୁଳିହାକାନି ଟିମ୍‌ର ଅନୀଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶାନ୍ତ ବାଙ୍କ ଓ ମହାଦେବ ବଗର୍ତି ଖେଳ ପରିଚାଳନା କରିଥିବା ବେଳେ ମିଳନ ବଡ଼ମାଳି, ଅନ୍ତରାମ ବିଶି ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।



## ୩୭ତମ ଲୋକନାଟକ ମହୋତ୍ସବ ଉଦ୍‌ଯାପିତ

# ‘ଜାନୁଘଣ୍ଟ’, ‘ପୁନଶ୍ଚ ମହାତ୍ମା’ ଓ ‘ନମସ୍ୟା ଶ୍ୟାମଳୀ’ ପୁରସ୍କୃତ



**ରାଉରକେଲା, ୧୧।୧(ସମିସ)**

କଲ୍‌ଚରାଲ ଏକାଡେମୀ ଦ୍ୱାରା ଆୟୋଜିତ ୩୭ତମ ଲୋକନାଟକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ଅବ୍‌ଦୁଲ ଜମାଲ ଖାଁ ଓ ପ୍ରଭାତ ମହାରଣା ଆୟୋଜିତ ନାଟକ ‘ଅତୀତର ଛାଇ’କୁ ଉଦ୍‌ଘାଟନ କରିଥିଲେ। ଏହାପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ନାଟକ ଭାବେ ‘ଜାନୁଘଣ୍ଟ’, ଦ୍ୱିତୀୟ ‘ପୁନଶ୍ଚ ମହାତ୍ମା’, ଏବଂ ତୃତୀୟ ଶ୍ରେଷ୍ଠ ନାଟକ ‘ନମସ୍ୟା ଶ୍ୟାମଳୀ’କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସଭାପତି ପଶୁପତି ନାଥ ଚାଟାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୟ କୁମାର ଜୋଜୋ ଏବଂ ବିଶ୍ୱ ରଞ୍ଜନ ପଲାଇ ଯୋଗଦେଇ ଲୋକନାଟକ ମହୋତ୍ସବ ଆୟୋଜନ ନିମନ୍ତେ କଲଚରାଲ ଏକାଡେମୀ ପ୍ରଶଂସନୀୟ। ଏହାପରେ ଲୋକନାଟକ ବିଶେଷାଙ୍କ ‘ନବପତ୍ର’ ଉନ୍ମୋଚନ ହୋଇଥିଲା। ଆବାହକ ନୃସିଂହ ରାଉତ ଅଭିବାଦନ ପ୍ରଦାନ କରିଥିଲେ। ସମ୍ପାଦକ ଅକ୍ଷୟ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପୁରସ୍କାର ଘୋଷଣା କରିଥିଲେ ଡ. ଶ୍ରୀକାନ୍ତ ମହାନ୍ତି ଏବଂ ସହଯୋଗ କରିଥିଲେ ଗୋକୁଳାନନ୍ଦ ଦାଶ ଏବଂ ପରେଶ ବିଶ୍ୱାଳ। ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କଲ୍‌ଚରାଲ ଏକାଡେମୀର ସଦସ୍ୟ/ସଦସ୍ୟା ଡ. ପ୍ରଭାତ ମଲ୍ଲିକ, ସମ୍ପାଦକ ଡ. ନଗେନ ଦାସ, ଅକ୍ଷୟ ପଣ୍ଡା, ଆଲୋକ ବୋଷ, ଡା. କୃପାସିନ୍ଧୁ ନାୟକ, କିଶୋର ଚନ୍ଦ୍ର ବେହେରା, ସୁଜିତ ନାୟକ, ବଳରାମ ରାଉଳ, କେଦାରନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ନିକୁଞ୍ଜ ରାଉତରାୟ, ମୀନକେତନ ପଶାୟତ, ସୁକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରେଷ୍ଠପାର୍ଶ୍ୱ ଅଭିନେତ୍ରୀ ଭାବେ ପୂଜା ସେନାପତି, ରାଧା, ପୁରସ୍କୃତ ହୋଇଥିଲାବେଳେ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ କୁମାରୀ କଳ୍ପନା ରାଉତ, ସୌଦାମିନୀ ଏବଂ ତୃତୀୟ - କୁମାରୀ ଲିପ୍‌ସା ଦାସ, ସୁରମା, ସବୁଜ କ୍ରାନ୍ତି ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ପାର୍ଶ୍ୱଅଭିନେତା ଭାବେ ବିଶ୍ୱଭୂଷଣ ମହାନ୍ତି, ମନମୋହନ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ପ୍ରିୟାଂଶୁ ନାୟକ, ସୁକୁଟା, ସବୁଜ କ୍ରାନ୍ତି ଓ ତୃତୀୟ ପ୍ରଦୀପ କୁମାର ପାଇକରାୟ, ସୀତାନାଥ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ମଞ୍ଚଶିଳ୍ପୀ ଭାବେ ପ୍ରଳୟ ଶତପଥୀ, ପ୍ରଜ୍ଞାଦତ୍ତ ସାହୁ, ଏବଂ ଅମୂଲ୍ୟ ବିଶୋଇ / ଜନ୍ମେଜୟ ମହାନ୍ତି ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଶକ୍ତି ପ୍ରସାଦ ମିଶ୍ର, ଦ୍ୱିତୀୟ ଶ୍ରେଷ୍ଠ ସାଲ୍‌ଖୁ ମାର୍ଣ୍ଡି / ସୁମନ୍ତ ମହାରଣା ଓ ତୃତୀୟ ରାଜ କୁମାର ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସଞ୍ଜିତା ଦାଶ, ଲିସା, ପରିମିତା ପାଣିଗ୍ରାହୀ, ଗୋପୀବୋଉ, ଏବଂ ତୃତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସୁପ୍ରଭା ଆଇଚ୍, ପାରୁ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଅଭିନେତା ଭାବେ ଚିତ୍ତରଞ୍ଜନ ରାଉତରାୟ ପୁରସ୍କୃତ ହୋଇଥିଲାବେଳେ ଦ୍ୱିତୀୟ ଶ୍ରେଷ୍ଠ ମଳୟ କୁମାର ମହାନ୍ତି, ଅଂଶୁମାନ ଏବଂ ତୃତୀୟ ଶ୍ରେଷ୍ଠ ଅଭିନେତା ଭାବେ ସୂର୍ଯ୍ୟରଶ୍ମି ଦାଶ, କହ୍ନେଇ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଜାନୁଘଣ୍ଟ, ପରିଚୟ, ରାଉରକେଲାର ନିର୍ଦ୍ଦେଶକ ବିଜୟ କୁମାର ଭୋଳଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଉତ୍କଳ ନାଟ୍ୟମ, ଭୁବନେଶ୍ୱରର ରାଧାଶ୍ୟାମ ମିଶ୍ର ଏବଂ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ପୁନଶ୍ଚ ମହାତ୍ମା, ଥିଏଟର୍ ଅଭିଯାନ କଟକର ନିର୍ଦ୍ଦେଶକ ଅକ୍ଷୟ କୁମାର ରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ନାଟ୍ୟକାର ଭାବେ ସୁବାସ ଚନ୍ଦ୍ର ପଣ୍ଡା ପୁରସ୍କୃତ ହୋଇଥିଲା ବେଳେ ଦ୍ୱିତୀୟ ଭାବଗ୍ରାହୀ ଦାଶ ଏବଂ ତୃତୀୟ ପଞ୍ଚାନନ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା।

**ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶକ୍ତି ପ୍ରସାଦ ମିଶ୍ର**



## ଡ.ମାଧାୟାନ୍ ଅଙ୍ଗାମୁଥୁଙ୍କ ଆର୍‌ଏସ୍‌ପି ପରିଦର୍ଶନ



**ରାଉରକେଲା, ୧୧।୧(ସମିସ):** ବିଶାଖାପାଟଣା ପୋର୍ଟ ଅଥରିଟି ଏବଂ ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଡ. ମାଧାୟାନ୍ ଅଙ୍ଗାମୁଥୁ, ଶନିବାର ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଥିଲେ। ରାଉରକେଲ୍ ହାଉସରେ ପହଞ୍ଚିବା ପରେ ଆରଏସ୍‌ପିମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଡ. ମାଧାୟାନ୍ ଅଙ୍ଗାମୁଥୁ ବିଶାଖାପାଟଣା ପୋର୍ଟ ଅଥରିଟି ଏବଂ ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀଙ୍କ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ଏବଂ ନୂତନ ପ୍ଲେଟ୍ ମିଲ୍ ପରିଦର୍ଶନ କରିଥିଲେ। ତାଙ୍କ ସହିତ ତରୁଣ ମିଶ୍ର ମଧ୍ୟ ଗସ୍ତରେ ସାମିଲ ଥିଲେ। ସିଜିଏମ ଓ ବିଭାଗ ମୁଖ୍ୟମାନେ ସମ୍ପୃକ୍ତ ବିଭାଗରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ। ୟୁନିଟ୍‌ର ସ୍ଥିତି ଏବଂ ବିଶେଷ ବୈଶିଷ୍ଟ୍ୟ ସହିତ ଇସ୍ପାତ ତିଆରି ପ୍ରକ୍ରିୟା ବିଷୟରେ ସେମାନଙ୍କୁ ସୂଚନା ଦେଇଥିଲେ।

## ମଧୁସୂଦନ ଶିକ୍ଷା ନିବାସର ଛାତ୍ର ସନ୍ଦୀପଙ୍କ କୃତିତ୍ୱ

**ରାଉରକେଲା, ୧୧।୧(ସମିସ):** ସ୍ଥାନୀୟ ସେକ୍ଟର-୧୭ସ୍ଥିତ ମଧୁସୂଦନ ଶିକ୍ଷା ନିବାସର ୧୦ମ ଶ୍ରେଣୀର ଛାତ୍ର ସନ୍ଦୀପ ଟପ୍ପୋ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ଅଧିକାରୀତା ମନ୍ତ୍ରାଳୟରେ ସ୍ୱୟଂଶାସିତ ଭାବେ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଥିବା ଡ. ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ଆମ୍ବେଦକର ଜାତୀୟ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସନ୍ଦୀପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ପୁରସ୍କାର ବାବଦରେ ତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଡ.ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଲିଖିତ ଭାବରେ ଅବଗତ କରାଯାଇଛି। ଅଧ୍ୟକ୍ଷା ସୌଭାଗିନି ମୁଦାଲି, ରାଜକିଶୋର ଧଳ, ଆଦିତ୍ୟ ଧଳଙ୍କ ସମେତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

## ଏସ୍‌ଡିସିସି ବ୍ୟାଙ୍କ୍ ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା

**ରାଉରକେଲା, ୧୧।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ରସମବାୟ ବ୍ୟାଙ୍କ ପକ୍ଷରୁ ରାଉରକେଲାର ପାନପୋଷ ଆଇଟିଡିଏ ସଭାଗୃହରେ ପାନପୋଷ ସର୍କଲ ଅଧୀନସ୍ଥ ୭ଟି ଲ୍ୟାମ୍ପସ ପରିଚାଳନା ପରିଷଦର ସଭାପତି ତଥା ନିର୍ଦ୍ଦେଶକଙ୍କ ଦକ୍ଷତା ବୃଦ୍ଧି ସକାଶେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ୍ ସଭାପତି ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉଦ୍‌ଘାଟନ କରିବା ସହ କର୍ମଶାଳାର ଆବଶ୍ୟକତା ତଥା ପରିଚାଳନା ପରିଷଦର କାର୍ଯ୍ୟବାବଦରେ ସୂଚନା ଦେଇଥିଲେ। ବ୍ୟାଙ୍କର ସିଇଓ ରବୀନ୍ଦ୍ର କାଲୁଣ୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବଣାଇଁ ସହକାରୀ ସମବାୟ ନିବନ୍ଧକ ଅଜୟ କୁମାର ସେଠୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଏଜିଏମ ପ୍ରଦ୍ୟୁମ୍ନ କୁମାର ନନ୍ଦ ଯୋଗ ଦେଇ କହିଲେ ଆର୍ଥିକ ଅନଗ୍ରସର ଲୋକଙ୍କ ଅଭିବୃଦ୍ଧି ନିମନ୍ତେ ପରିଚାଳନା ପରିଷଦ କାର୍ଯ୍ୟ କରିଥାଏ। ଜିଲ୍ଲା ସମବାୟ ସମୂହ ନିବନ୍ଧକ ଉମାଶଙ୍କର ଦାସ ଯୋଗଦେଇ କୃଷି ଋଣ ପ୍ରଦାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ନିର୍ଦ୍ଦେଶକ ନିର୍ଦ୍ଦେଶିକା ଯୋଗ ଦେଇଥିଲେ। ଆଗାମୀ ଦିନରେ ଓଡ଼ିଶା ବାହାରକୁ ଟ୍ରେନିଂର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା।

## ଆର୍‌ଏସ୍‌ପିରେ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ମାନବଶୃଙ୍ଖଳ




**ରାଉରକେଲା, ୧୧।୧(ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନାରେ କୋକ ଓଭେନ, କୋଲକେମିକଲ ଏବଂ କୋକ ଓଭେନ ପ୍ରକଳ୍ପ ବିଭାଗର ୧୦୦୦ରୁ ଅଧିକ କର୍ମଚାରୀ ଓ ଠିକା ଶ୍ରମିକ ସଡ଼କ ସୁରକ୍ଷା ମାସ-୨୦୨୫ ପାଳନ ଉପଲକ୍ଷେ କୋକ୍ ଓଭେନ ଛକରୁ ଗ୍ୟାସ ହୋଲ୍ଡର ଛକ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ସିଓ ଏବଂ ସିସିଡି ବିଭାଗର ସିଜିଏମ ରାକେଶ ଯୋଶୀ, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଆଶା କାର୍ଥା, ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅଭିଯାନରେ ଅଂଶଗ୍ରହଣକାରୀ ମାନବ ଶୃଙ୍ଖଳ ଗଠନ କରିବା ସହିତ ସୁରକ୍ଷା ବାର୍ତ୍ତା ଉପରେ ଆଧାରିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏଥିରେ ଓଭରଟେକିଂକୁ ଏଡାଇବା, ରେଡ ଲାଇଟ ଉଲ୍ଲଂଘନ ନ କରିବା, ଗାଡି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସକୁ ଏଡ଼ାଇବା ଏବଂ ପ୍ଲାଣ୍ଟ ପରିସର ମଧ୍ୟରେ ଗତି ସୀମା ପାଳନ କରିବା ଭଳି ଗୁରତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା। ଜେନେରାଲ୍ ସିଫ୍ଟ ସମୟରେ ବହୁ କର୍ମଚାରୀଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିଲା। ଏହି ଅଭିଯାନଟି ସକାଳ ୮.୩୦ ମିନିଟରୁ ଆରମ୍ଭ ହୋଇ ସକାଳ ୯.୩୦ ମିନିଟରେ ଶେଷ ହୋଇଥିଲା। ଏହା ଏକତା ଏବଂ ସୁରକ୍ଷା ସଚେତନତା ସନ୍ଦର୍ଭରେ ସର୍ବାଧିକ ପଥଚାରୀଙ୍କର ଦୃଷ୍ଟି ଆକର୍ଷଣ ସୁନିଶ୍ଚିତ କରିଥିଲା। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ଗୁରୁଜିତ ମହାପାତ୍ର, ରବି ନାରାୟଣ ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ରଶ୍ମୀ ରଞ୍ଜନ ନାୟକ ପରିଚାଳନା କରିଥିଲେ।

## ଆଇଜିଏଚ୍ ଡାକ୍ତରଙ୍କ ଦ୍ୱାରା ମହିଳାଙ୍କ ଜଟିଳ ଅସ୍ତ୍ରୋପଚାର

**ରାଉରକେଲା, ୧୧।୧(ସମିସ):** ସେଲ୍‌ଫ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟର ଇସ୍ପାତ ଜେନେରାଲ୍ ହସ୍‌ପିଟାଲ୍‌ର ଏକ ଡାକ୍ତରୀଦଳ ସମ୍ବଲପୁରର କୁଚିଣ୍ଡାର ୨୨ ବର୍ଷୀୟ ମହିଳା ପ୍ରତିମା କିଷାନଙ୍କ ଏକ ଜଟିଳ ଅସ୍ତ୍ରୋପଚାର ଜରିଆରେ ତାଙ୍କ ଶରୀରରୁ ୨୫x୨୫ ସେଣ୍ଟିମିଟର ଓଭାରିଆନ୍ ସିଷ୍ଟ ବାହାର କରିବାରେ ସଫଳ ହୋଇଛନ୍ତି। ଶ୍ରୀମତୀ କିଷାନଙ୍କ ପେଟରେ ତୀବ୍ର ଯନ୍ତ୍ରଣା ଯୋଗୁଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବରିଷ୍ଠ ଡାକ୍ତର ବି. ମିଶ୍ର, ବରିଷ୍ଠ ମେଡିକାଲ ଅଧିକାରୀ ଡାକ୍ତର ପ୍ରିୟା ଏବଂ ବରିଷ୍ଠ କନ୍‌ସଲ୍ଟାଣ୍ଟ ଡା. ସ୍ମିତାଙ୍କ ସମେତ ସୁଦକ୍ଷ ଡାକ୍ତରଙ୍କ ଏକ ଦଳ ସିଷ୍ଟର ମୀରାଙ୍କ ନର୍ସିଂ ସହଯୋଗରେ ଏହି ଜଟିଳ ଅସ୍ତ୍ରୋପଚାର ସମ୍ପନ୍ନ କରିଥିଲେ। ଦଳ ସିଷ୍ଟକୁ ସମ୍ପୂର୍ଣ୍ଣ ଭାବରେ କାଢ଼ିବା ପାଇଁ ଏକ ଲାପାରୋଟୋମି ଉପଯୋଗ କରିଥିଲେ। ଅସ୍ତ୍ରୋପଚାର ସଫଳ ହୋଇଥିଲା ଏବଂ ସର୍ଜରୀ ପରବର୍ତ୍ତୀ ରିପୋର୍ଟର ସନ୍ତୋଷଜନକ ରିପୋର୍ଟ ପରେ ରୋଗୀଙ୍କୁ ଜାନୁଆରୀ ୬ ତାରିଖରେ ସୁସ୍ଥ ଅବସ୍ଥାରେ ଡିସଚାର୍ଜ କରାଯାଇଥିଲା। ଏହି ହସ୍ପିଟାଲ ଏକ ବିଶ୍ୱସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭାବରେ ଏହାର ଖ୍ୟାତିକୁ ବଜାୟ ରଖିଆସୁଛି, ଜୀବନକୁ ରୂପାନ୍ତରିତ କରୁଛି ତଥା ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଫେରାଇ ଆଣୁଛି।

## ପାରା-ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଆର୍‌ଏସ୍‌ପି ଆଥ୍‌ଲେଟଙ୍କ ଉତ୍ତମ ପ୍ରଦର୍ଶନ





**ରାଉରକେଲା, ୧୧।୧(ସମିସ):** କଳିଙ୍ଗ ଷ୍ଟାଡିୟମରେ ନିକଟରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ପାରା-ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୪-୨୫ ରେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ତିନି ଜଣ ପାରା-ଆଥଲେଟ୍ ଏକାଧିକ ପଦକ ଜିତି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି। ଏହି ଚାମ୍ପିଅନସିପରେ ରିପେୟାର ସପ୍ ଇଲେକଟ୍ରିକାଲ ବିଭାଗର ଟେକ୍ନିସିଆନ୍ ରୁଦ୍ର ନାରାୟଣ ସାହୁ, ସଟପୁଟ୍, ଜାଭେଲିନ୍ ଥ୍ରୋ ଏବଂ ଡିସକ୍ ଥ୍ରୋରେ ୩ ଟି ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗର ଟେକ୍ନିସିଆନ୍ ପରେଶ କୁମାର ମାହାତୋ, ଜାଭେଲିନ୍ ଏବଂ ଡିସକ୍ ଥ୍ରୋରେ ୨ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିଭଳି ମାନବ ସମ୍ବଳ (କାର୍ଯ୍ୟ )ବିଭାଗ ଅଫିସ ଆଟେନଡାଣ୍ଟ ଯୋଗେନ୍ଦ୍ର କୁମାର ଦାଶ, ଡିସକସ୍ ଥ୍ରୋରେ ମଧ୍ୟ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

**ବଣାଇ, ୧୧।୧(ସମିସ):** ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥାନୀୟ ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ପତାକା ଉତ୍ତୋଳନ କରିବେ। ସ୍କୁଲସ୍ତରରେ ଆୟୋଜିତ ପ୍ରତିଯୋଗିତା ଦୁଇଦିନ ଧରି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସକାଳ ୮ ରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ସକାଳ ୬ଟାରେ ବଣାଇଁର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ କୁମାର, ତହସିଲଦାର ଝସକେତନ ନାୟକ, ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ, ବଣାଇଁ କଲେଜ ଅଧ୍ୟକ୍ଷ ଜେନାମଣି ସାହୁ, ବଣାଇଁ ସରପଞ୍ଚ ନମିତା ନାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ, ଶ୍ରମ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ସୁନା, ବ୍ଲକ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର; ୩୧ ୟୁନିଟ୍ ସଂଗ୍ରହ



**ରାଉରକେଲା, ୧୧।୧(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅଧୀନ ଟାଙ୍ଗରପାଲ୍ଲୀ ଥାନାରେ ଆଜି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଥାନା ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ଇନ୍ସପେକ୍ଟର ସୁକାନ୍ତ କିଶୋର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଶୀର୍ଷକ ରକ୍ତଦାତା ଜୀବନଦାତା ରଖାଯାଇଥିଲା ବେଳେ ଏହି ଶିବିରରେ ପୁଲିସ କର୍ମଚାରୀ ସମେତ ସାଧାରଣ ଜନତା ରକ୍ତଦାନ କରିଥିଲେ। ସବ୍ ଇନ୍ସପେକ୍ଟର ସିନ୍ମୟ କୁମାର ବଳ, ଲିତାମଞ୍ଜରୀ ମହାପାତ୍ରଙ୍କ ସମେତ ଥାନାର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ, ସାରନଗରୀ ଅଞ୍ଚଳର ଲୋକେ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ଆଇଆଇସି ଶ୍ରୀ ପ୍ରଧାନ ଓ ଏସଆଇ ଶ୍ରୀ ବଳ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ମା’ତାରିଣୀ ଶାନ୍ତି କମିଟି ପକ୍ଷରୁ ଶୋକସଭା

**ରାଉରକେଲା, ୧୧।୧(ସମିସ):** ସମ୍ବାଦପତ୍ର କର୍ମଚାରୀ ବେଣୁଧର ମହନ୍ତଙ୍କ ଅକାଳ ବିୟୋଗରେ ମା ତାରିଣୀ ଶାନ୍ତି କମିଟି ପକ୍ଷରୁ ସ୍ଥାନୀୟ ବାସନ୍ତି କଲୋନୀ ଡିଏଭି ଛକ ନିକଟରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଯୁବନେତା କହରା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ବାସୁ ବରାଳ, ଟୁନୁ କର, ଅରବିନ୍ଦ ମହାନ୍ତି, ଅମିୟ ପୋଥାଳ, ଉମା ଦାସ, ସତ୍ୟ ବାରିକ, ମାନୁ ସାମଲ, କାବୁ କର, ଟୁକ ଦାସ, ଶୁଶାନ୍ତ ନାୟକ, ବାବୁନି ପଣ୍ଡା, ତାସନ ମହାନ୍ତି, ରବିନାରାୟଣ ପଣ୍ଡା, ବିଦ୍ୟାଧର ବେହେରା, ଭଞ୍ଜ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ଭଲିବଲ ଟିମ୍‌ରେ ଆଶା ଓ ସସ୍ମିତା




**ରାଉରକେଲା, ୧୧।୧(ସମିସ)**

ରାଜସ୍ଥାନର ଜୟପୁର ଠାରେ ଆୟୋଜିତ ଜାତୀୟସ୍ତରୀୟ ସିନିୟର୍ ଭଲିବଲ ଟିମରେ ରାଉରକେଲାର ଆଶା ମୁଣ୍ଡାରୀ ଓ ରାଜ୍ୟର ପ୍ରଥମ ମହିଳା ଜାତୀୟ ରେଫ୍ରି ଭାବେ ସସ୍ମିତା ଦାସ ମନୋନୀତ ହୋଇଥିବା ସୂଚନା ମିଳିଛି। ଚଳିତବର୍ଷ ଏହି ଜାତୀୟ ଟୁର୍ଣ୍ଣାମେଣ୍ଟରେ ରାଉରକେଲାର ଝିଅ ତଥା ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସଦସ୍ୟ ଆଶା ମୁଣ୍ଡାରୀ ଓଡ଼ିଶା ସିନିୟର୍ ବର୍ଗରେ ଓଡ଼ିଶା ତରଫରୁ ଖେଳୁଛନ୍ତି। ସେହିଭଳି ସଂଗଠନର କାର୍ଯ୍ୟକାରୀ ସଦସ୍ୟ ସସ୍ମିତା ଦାସ ଜାତୀୟ ରେଫ୍ରି ଭାବେ ମନୋନୀତ ହୋଇ ସେଠାରେ ଖେଳ ପରିଚାଳନା କରୁଛନ୍ତି। ଉଭୟଙ୍କ ପାଇଁ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ଗର୍ବିତ ବୋଲି କହିବା ସହ ଆଶା ଭଲ ଖେଳ ପ୍ରଦର୍ଶନ କରିବା ନେଇ ସଂଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଅନେକ ଆଶା ରଖିଛନ୍ତି। ଆଶା ମୁଣ୍ଡାରୀଙ୍କ ନାମ ରାଉରକେଲା ଇସ୍ପାତ କାରଖାନା ତରଫରୁ ମନୋନୀତ ପାଇଁ ପ୍ରେରଣ କରାଯିବା ସହ ସମ୍ପ୍ରତି ସେ ଭୁବନେଶ୍ୱର କିଟ୍ ର ଛାତ୍ରୀ। ରେଫ୍ରି ସସ୍ମିତା ଦାସ ଜଣେ ଭଲ ରେଫ୍ରି ଭାବେ ତାଙ୍କର ପ୍ରତିଭା ବିଗତ ଦିନରେ ପ୍ରତିପାଦନ କରିଥିବା ବେଳେ ରାଜ୍ୟରୁ ପ୍ରଥମ ମହିଳା ଭାବେ ଏବେ ଜାତୀୟସ୍ତରରେ ତାଙ୍କର ମନୋନୀତ ତାଙ୍କୁ ଆହୁରି ଉତ୍ସାହିତ କରିବା ସହ ନିଜର ଦାୟିତ୍ୱ ସମ୍ପାଦନାରେ ବେଶ୍ ସଫଳ ହେବେ। ସସ୍ମିତା ସମ୍ପ୍ରତି ସେଣ୍ଟପଲ ସ୍କୁଲରେ କାର୍ଯ୍ୟରତ। ଉଭୟ ଆଶା ମୁଣ୍ଡାରୀ ଓ ସସ୍ମିତା ଦାସ ରାଉରକେଲାକୁ ଭାରତବର୍ଷରେ ଗର୍ବିତ କରିଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି।


! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !



୧୦୮ EMRI GREEN HEALTH SERVICES

ନିଯୁକ୍ତି ସୁଯୋଗ

୧୦୮ ଆମ୍ବୁଲାନ୍ସ ସେବା

ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍‌ଏମ୍‌ଭି (କମରସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡ଼ିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି କଂସଲଟାଣ୍ଟ ନିୟୋଜିତ ନାହାଁନ୍ତି। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

ସକାଳ
THE SAKALA



# ୨୪ କେଜି ଗଞ୍ଜେଇ ଜବତ; ୬ ଗିରଫ

ତୁଷୁରା, ୧୧।୧(ସମିସ)

ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ ବେଧଡକ ଭାବରେ ଚାଲିଛି ଗଞ୍ଜେଇ ବେପାର। ଗୁଡଭେଲା-ତୁଷୁରା ରାସ୍ତାର ତେଲନଦୀ ବ୍ରିଜ ନିକଟରେ ଛତିଶଗଡ଼ ନମ୍ବର ଥିବା ଇନୋଭା ଗାଡ଼ିକୁ ଯାଞ୍ଚ କରି ଥିଲା ପୁଲିସ। ଯାଞ୍ଚ ପରେ ଗାଡ଼ିରେ ଗଞ୍ଜେଇ ଥିବା ଜାଣିବା ପରେ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାଟିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିଥିଲା ପୁଲିସ। ଜବତ ହୋଇଥିବା ଗଞ୍ଜେଇର ପରିମାଣ ପ୍ରାୟ ୨୪କେଜି ହୋଇଛି। ଏଥିରେ ରେହୁଟା ଛତିଶଗଡ଼ର ପୁଷ୍ପାରାଜ କୁରେ(୪୦), ଦୟାଳପୁର ଛତିଶଗଡ଼ର ସନ୍ଦୀପ କୁରେ(୨୪), କୁଧୁର୍ତା ଛତିଶଗଡ଼ର ପୁରୁଷୋତ୍ତମ ସାହୁ(୨୪), ବଲାଙ୍ଗିର ସଇଁତଲାର ଅର୍ଜୁନ ରଣା(୪୦), ବଲାଙ୍ଗିର ସିସକେଲାର ରଙ୍ଗରାଜ ରଣା(୪୭), ଦୟାଳପୁର ଛତିଶଗଡ଼ର ଗୌରବ କୁରେ ଓ ଚାରିଟି ମୋବାଇଲ ସହ ୬ ଜଣକୁ ଗିରଫ କରିଛି ତୁଷୁରା ପୁଲିସ।



ସୂଚନା ଯୋଗ୍ୟ ଯେ ଗତଚାରି ଦିନ ତଳେ ତୁଷୁରା ଅବକାରୀ ବିଭାଗ ଏକ କାର୍ ଉପରେ ଚଡ଼ଉ କରି ୪୫କେଜି ଗଞ୍ଜେଇ ଜବତ କରି ଏକ ଛତିଶଗଡ଼ ନମ୍ବର ଥିବା କାର୍ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏବେ ଛତିଶଗଡ଼ ନମ୍ବର ଥିବା ଏକ ଗଞ୍ଜେଇ ବୁଝେଇ କାର୍‌କୁ ପୁଲିସ ଧରିବା ପରେ ତୁଷୁରା ଥାନା ଅଞ୍ଚଳରେ କିଭଳି ଗଞ୍ଜେଇ ବେପାରୀ ସକ୍ରିୟ ଅଛନ୍ତି ତାହା ସ୍ପଷ୍ଟ ଭାବରେ ଜାଣି ହେଉଛି। ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ୪୮ ଦିନରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆନ୍ଦୋଳନ

**ବଲାଙ୍ଗିର, ୧୧।୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଧାରଣା ୪୮ ଦିନରେ ପହଞ୍ଚିଛି। ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ପାଇଁ ଚାଲିଥିବା ଏହି ଧାରଣା ଧୀରେ ଧୀରେ ଏକ ବିରାଟ ଜନଆନ୍ଦୋଳନରେ ପରିଣତ ହେବାରେ ଲାଗିଛି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କର୍ମକର୍ତ୍ତାମାନେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ବାଲକୋ ଭଳି ଆଦାନୀ କମ୍ପାନୀ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ନଜର ପକାଇଛି। ଯଦି ସେ ଏଥିରେ ସଫଳ ହୁଏ ତେବେ ରାମାୟଣର ଅସ୍ତିତ୍ୱ ବହନ କରୁଥିବା ଗନ୍ଧମାର୍ଦ୍ଦନ ସବୁ ଦିନ ପାଇଁ ମାଟି ରେ ମିଶିଯିବ। ଏଠାରୁ ବାହାରିଥିବା ୨୩ ଟି ଚିରସ୍ରୋତା ଝରଣା, ୩ ଟି ନଦୀ, ହଜାରହଜାର ଔଷଧୀୟ ବୃକ୍ଷ ଏବଂ କୋଟିକୋଟି ଜୀବନର ଜୈବ ବିବିଧତା ମରିଯିବ ବୋଲି ଲୋକଙ୍କ ମନରେ ସଚେତନତା ସୃଷ୍ଟି କରାଯାଉଛି। ଯାହାର ପ୍ରତିଫଳନରେ ଆସନ୍ତା ୧୯ ତାରିଖ ଦିନ ଗନ୍ଧମାର୍ଦ୍ଦନ ପାଦଦେଶରେ ଏକ ମହାସମାବେଶ ହୋଇ ଆଦାନୀ ବିରୋଧରେ ଉଲଗୁଲାନ ଦିଆଯିବ ବୋଲି ସୂଚନା ରହିଛି। ଆଜିର ଧାରଣାସ୍ଥଳରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଜୟସିଂ ପୂଜାରୀ, ଉପଦେଷ୍ଟା ଟେକେନ୍ଦ୍ର ଜାଲ, ସୁଶିଲ ନାଏକ, ସନ୍ତୋଷ ପ୍ରଧାନ, ନୀଳମାଧବ ପାଣିଗ୍ରାହୀ, ରଘୁନାଥ ସିଂ ବରିହା, ବିପ୍ର ବିଶି, ତନ୍ତ୍ର ଧରୁଆ, ଅଭିଳାଷ ଭୋଇ ଜଳନ୍ଧର ତାଣ୍ଡି, ବୃନ୍ଦାବନ ବାରିକ, କ୍ଷମାନିଧି ଭୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବନାଗ୍ନି ପ୍ରତିରୋଧ ସଚେତନତା ସଭା

**ବଲାଙ୍ଗିର, ୧୧।୧(ସମିସ):** ବଲାଙ୍ଗିର ବିଜାଖମନ ସ୍ଥିତ ମେଗା ନର୍ସରୀ ଠାରେ ବନାଗ୍ନି ପ୍ରତିରୋଧ ସମ୍ବନ୍ଧୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ବନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାୟାର ଅଫିସର ତେଜ କୁମାର ଏକା, ବଲାଙ୍ଗିର ସଦର ରେଞ୍ଜର ନବୀନ ପଣ୍ଡା, ଡେପୁଟି ରେଞ୍ଜର ସୁନୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖରା ଦିନେ ଜଙ୍ଗଲମାନଙ୍କରେ ନିଆଁ ନ ଲଗାଇବାକୁ ଲୋକଙ୍କୁ ସଚେତନ କରାଯାଉ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଜଙ୍ଗଲରେ ନିଆଁ ଲାଗିଥିଲେ କେଉଁ କେଉଁ ଉପାୟରେ ତାକୁ ପ୍ରତିରୋଧ କରାଯାଇପାରିବ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମାଞ୍ଚଳର ଜନପ୍ରତିନିଧି, ବନସୁରକ୍ଷା ସମିତି ସଦସ୍ୟ ଏବଂ ମହିଳାମାନେ ଉପସ୍ଥିତ ଥିଲେ।

# ଅଧ୍ୟାପକ ସୀତାରାମ ପାଣିଗ୍ରାହୀଙ୍କ ପରଲୋକ



**ବଙ୍ଗୋମୁଣ୍ଡା, ୧୧।୧(ସମିସ):** ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଇତିହାସ ଅଧ୍ୟାପକ ସୀତାରାମ ପାଣିଗ୍ରାହୀଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ହେଲା ପାଣିଗ୍ରାହୀ ଅସୁସ୍ଥ ରହି ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରେ ବିଶ୍ରାମରେ ରହିଥିଲେ। ଶୁକ୍ରବାର ରାତିରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ୍ୟୁ ଖବର ପାଇ କଲେଜର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପହଁଚି ଶେଶ ଦର୍ଶନ କରିଥିଲେ। ଗାଁ ସ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ଭାଇ ଦୀନବନ୍ଧୁ ମୁଖଗ୍ନୀ ଦେଇଥିଲେ। ଅଧ୍ୟାପକ ପାଣିଗ୍ରାହୀ କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଦାୟିତ୍ୱ ରେ ଥିଲେ। ସେ ଏକାଧାର ରେ ଜଣେ କଳାକାର, ସଙ୍ଗୀତଜ୍ଞ ଅଭନେତ.ବାଦ୍ୟକାର ଥିଲେ. ସ୍ଥାନୀୟ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରି ବେଶ ପ୍ରଶଂସା ଶୁଆଣ୍ଟିଥିଲେ।

# ଫାଇଲେରିଆ ନିରାକରଣ ପାଇଁ ବୈଠକ

**ବଲାଙ୍ଗିର, ୧୧।୧(ସମିସ):** ସ୍ଥାନୀୟ ମଣ୍ଟେଶୋରୀ ସ୍କୁଲ ଠାରେ ବଲାଙ୍ଗିର ପୌ÷ରପାଳିକାର ସମସ୍ତ ଘରୋଇ ବିଦ୍ୟାଳୟ ଅଧ୍ୟକ୍ଷମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡା.କୁବେର ଚନ୍ଦ୍ର ମହନ୍ତ, ଏଡିପିଏଚସି, ଭିବିଡି, ଡା.ନମିତା ମିଶ୍ର ଡିସି, ଏଡିପିଏସସି, ଡା.ନିଶିତ ଦାସ, ଜୋନାଲକନଭେନର ଡବ୍ଲୁଏଚ୍‌ଓ, ରବିଚନ୍ଦ୍ର ଉଦଗାତା, ସଭାପତି, ପିଏସଏ, ସୁରେନ୍ଦ୍ର କୁମାର ସାହୁ, ସମ୍ପାଦକ ପିଏସଏ ଏବଂ ଲିଟିଲ ଫ୍ଲାୱାର, ଏମ୍‌ସ, ସେଞ୍ଚୁରିଆନ, ଜେଆରଟିଏମ, ସ୍ୱାମୀ ବିବେକାନନ୍ଦ, ବିଶ୍ୱାମ୍ ବିଦ୍ୟାମନ୍ଦିର, ଜ୍ଞାନଜ୍ୟୋତି ତପୋବନ ସ୍କୁଲ ସମେତ ୪୦ଟି ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରତିନିଧି ଯୋଗଦେଇ ଆଗାମୀ ଫେବୃୟାରୀ ମାସରେ ହେବାକୁ ଥିବା ଔଷଧ ବିତରଣ ବିଷୟରେ ଆଲୋଚନା କରିଥିଲେ। ସମସ୍ତ ଘରୋଇ ବିଦ୍ୟାଳୟ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ସମ୍ମତି ଜଣାଇଛନ୍ତି।

# କିଶୋର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ତୁଷୁରା, ୧୧।୧(ସମିସ):** ତୁଷୁରା ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ ତରଫରୁ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ କିଶୋର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ପ୍ରଥମ ମ୍ୟାଚ୍ ବଲାଙ୍ଗୀର ଏବଂ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ କଳାହାଣ୍ଡି ଦଳ ୨- ୦ ରେ ବଲାଙ୍ଗିରକୁ ପରାସ୍ତ କରିଥିଲା।ଏହି ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବୁଦ୍ଧ ଦେବ ସୁନା ଓ ସମ୍ମାନିତ ଅତିଥି ଭାବେ ୍ସରପଞ୍ଚ ଗୁଲାପ ସେଠ ଏବଂ ସାମ୍ବାଦିକ ଶମ୍ଭୁ ପ୍ରସାଦ ସାହୁ ଯୋଗ ଦେଇ ଥିଲେ।ଦ୍ୱିତୀୟ ମ୍ୟାଚ୍ ସୋନପୁର ଏବଂ ବଗାଡ଼ ଏଫସି ମଧ୍ୟରେ ହୋଇଥିଲା।ଏଥିରେ ସୋନପୁର ୧-୦ ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଧାୟକ ନବିନ ଜୈନ ଯୋଗଦେଇଥିଲେ। ଧନେଶ୍ୱର ସେଠ, ବିଜୟ ରଣା, ସଞ୍ଜନ କୁଦେଇ, ଦେବାଶୀଷ ବାଗ ଖେଳ ପରିଚାଳନା କରିଥିଲେ। ନିଲାମ୍ବର ବିଶି ଉଭୟ ମ୍ୟାଚ୍‌ରେ ଧାରା ବିବରଣୀ ଦେଇ ଥିବା ବେଳେ ଦୀପକ ସାହୁ ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଜୁନିୟର ରେଡ୍‌କ୍ରସ ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗିର, ୧୧।୧(ସମିସ):** ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ମହିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ




ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ମୋହନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ରଞ୍ଜିତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର, ପୁଇଁତଲା ବ୍ଲକ ବିଇଓ ଲୋକନାଥ ସୁନା, ପ୍ରଧାନଶିକ୍ଷକ ସୁନୀଲ ଭୋଇ ମଞ୍ଚାସୀନ ଥିଲେ। କ୍ୟାମ୍ପୋରୀ ବିବରଣୀ ପାଠ କରିଥିଲେ ଡିପିଇଓ ପ୍ରଦୀପ ପାତ୍ର। ଅତିଥି ପରିଚୟ ଦୀଲିପ ଯୋଶୀ ଓ କାର୍ଯ୍ୟକ୍ରମର ସଂଯୋଜନା ଜୁନିୟର ରେଡକ୍ରସ ଅଫିସର ବିକାଶ ସାହୁ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ପ୍ରଧାନ ଶିକ୍ଷକ ନୀଳମଣି ପଟେଲ। ଶିବିର ଉପଲକ୍ଷେ ଆୟୋଜିତ ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ, ଓଡିଆ ପ୍ରବନ୍ଧ, କୁଇଜ, ଦଳଗତ ନୃତ୍ୟ, ଦଳଗତ ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ତ୍ରିଦିବସୀୟ ତାଲିମ ଶିବିରରେ ପ୍ରାଥମିକ ଚିକିତ୍ସା, ରକ୍ତଦାନର ଆବଶ୍ୟକତା, ନିଆଁ ନିୟନ୍ତ୍ରଣ, ନିଆଁ ଘେରରେ ରହିଯାଇଥିବା ବ୍ୟକ୍ତିଙ୍କୁ ସୁରକ୍ଷିତ ଉଦ୍ଧାର, ଏଡ଼ସର ଭୟାବହତା, ଯୋଗ, ସ୍ୱଚ୍ଛ ଭାରତ ଯୋଜନା, ଟ୍ରାଫିକ ସିଗନାଲ, ସଡକ ସୁରକ୍ଷା, ଟ୍ରାଫିକ ନିୟମାବଳୀ, ସଡକ ସୁରକ୍ଷା, ଶ୍ରମଦାନ, ଶାନ୍ତି ଶୋଭାଯାତ୍ରା ତଥା ପିଲାଙ୍କ ବୌଦ୍ଧିକ ବିକାଶ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମ କେନ୍ଦ୍ର ଠାରେ ଜୁନିୟର ରେଡକ୍ରସ୍ ସୋସାଇଟି ତରଫରୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜୁନିୟର ରେଡକ୍ରସ ଅଫିସର ଧର୍ମ ସିଂ ମିଶ୍ର ଓ ପୂର୍ବତନ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ସୁବାଷ ଚନ୍ଦ୍ର ପଟେଲ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ଦିଲିପ ଯୋଶୀ, ସୁଧାଂଶୁ ମିଶ୍ର, ସୁନୀଲ ବେହେରା, ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରରୁ ଆସିଥିବା ଜୁନିୟର ରେଡକ୍ରସ୍ ପରାମର୍ଶଦାତାଙ୍କ ସମେତ ମୋଟ ୩୧ଜଣ ରକ୍ତ ଦାନ କରିଥିଲେ।

# ଝାରମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କ୍ୟାରିୟର ମେଳା



**ବଲାଙ୍ଗିର, ୧୧।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ କ୍ୟାରିଅର ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ଜ୍ୟୋତିର୍ମୟୀ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ୟାରିଅର ମେଳାରେ ମୁଖ୍ୟଅତିଥି ଭାବରେ ସିଆର୍‌ପିଏଫ ଦ୍ୱିତୀୟ ସେନାନାୟକ ୧୮ ୯ ବାଟାଲିୟନ ଫ୍ରିନାଲ କ୍ରାନ୍ତି ବିଶ୍ୱାସ, ମୁଖ୍ୟବକ୍ତା ଅବସର ପ୍ରାପ୍ତ ସେନା ଅଧିକାରୀ ପ୍ରତାପ ରଥ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦେଓଗାଁ ଅଧ୍ୟକ୍ଷ ଗୋପବନ୍ଧୁ ମେହେର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡୁଙ୍ଗୁରିପାଲି ଅଧ୍ୟକ୍ଷ ସାଧୁଚରଣ ଖମାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡୁଡୁକା ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ, ଉପଖଣ୍ଡ ଚିକିତ୍ସାଳୟ ଲୋଇସିଂହା ଡ଼ା.ସଞ୍ଜିବ କୁମାର ବିଶ୍ୱାଳ ଯୋଗଦାନ କରି କ୍ୟାରିଅର ମେଳା ଫଳକ ଉଦଘାଟନ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ନିଜର ଲକ୍ଷ୍ୟପୂରଣ କରିବା ପାଇଁ ବିଭିନ୍ନ ବିଷୟରେ ଅଧ୍ୟୟନ କରି ଭଲ ନାଗରିକ ହୋଇ ଦେଶସେବା କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ।ଉକ୍ତ ମେଳାରେଭୁବନେଶ୍ୱର ସିଟିଟିସି, ବଲାଙ୍ଗିର ପଲିଟେକନିକ୍, ଲୋଇସିଂହା ସିଏଚସି, ବଲାଙ୍ଗିର ଆଇଟିଆଇ, ହୋଟେଲ ମ୍ୟାନେଜମେଣ୍ଟ, କରାଟେ ବିଦ୍ୟାଳୟ, ଫାର୍ମାସୀ କଲେଜ ବରପାଲି, ବିଦ୍ୟାସାଗର ଏକାଡେମୀ ବରଗଡ଼, ଜିଆଇଆଇଟି ଗୁଣୁପୁର, ବାଲାଜି କଲେଜ ବଲାଙ୍ଗିର, ସିଆର୍‌ପିଏଫ୍ ଆଦି ୧୨ଟି ସରକାରୀ ବେସରକାରୀ ଅନୁଷ୍ଠାନ ଯୋଗଦାନ କରି ତାଙ୍କର ଷ୍ଟଲ ଲଗାଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଦିଗ ଏବଂ ବୃତ୍ତି ବିଷୟରେ ଦିଗଦର୍ଶନ ଦେଇଥିଲେ। ମେଳାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ କାହ୍ନୁଚରଣ ଦର୍ଜି, ପଣ୍ଡରାଣୀ ସିଆରସିସି, କୁଶଙ୍ଗ ସିଆରସିସି ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ କୁମାର ଲୋମଗା ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷି ମିଶ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ।

# ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତୁଷୁରା, ୧୧।୧(ସମିସ):** ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରାର ବାର୍ଷିକ ଉତ୍ସବ-ବିଦ୍ୟାଳୟ ପରିଚାଳନା ସମିତିର ଉପାଧ୍ୟକ୍ଷା ଜନନୀ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସୁନା ଯୋଗଦେଇ ରୂପାନ୍ତରିତ ହୋଇଥିବା କୋଠାକୁ ଲୋକାର୍ପଣ କରିଥିଲେ। ଉଦ୍‌ଘାଟକ ଭାବେ ଏକ୍ସିସ ବ୍ୟାଙ୍କ ତୁଷୁରା ଶାଖାର ମ୍ୟାନେଜର ଶ୍ରୀକାନ୍ତ ତ୍ରିପାଠୀ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଏନ୍‌ଏସି ତୁଷୁରାର ଉପାଧ୍ୟକ୍ଷା ମାମୀ ଦାସ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଏମ୍‌ପି ନୋମିନି ରୁଣୁ ଗୋପାଳ ସାହୁ, ସିଆର୍‌ସିସି ଜଗମୋହନ ତ୍ରିପାଠୀ, ଜଗଦୀଶ କେଡିଆ, ରାଧା ରମଣ କେଡିଆ ଓ ସନ୍ତୋଷ କେଡିଆ ଯୋଗ ଦେଇଥିଲେ।ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଞ୍ଚାଳନ ଓ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଆକାଂକ୍ଷା ରାଣୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସଭା ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ତୁଷୁରା ର ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଯୋଗ ଦେଇଥିଲେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ତୁଳସୀ ଜୈନ ଯୋଗଦେଇ ଶିଶୁମାନେ ଜ୍ଞାନ ଆହରଣ କରିବା ସହ ସତ୍ୟବାଦୀ ଓ ଗୁରୁଭକ୍ତି କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପିଙ୍କୁ ଅଗ୍ରୱାଲ ଓ ରାଧାରମଣ କେଡିଆ ଯୋଗ ଦେଇଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୋତ୍ସାହନ ଯୋଗାଇ ଥିବା ପୂର୍ବଛାତ୍ର ତଥା ଭୂମିଦାତା କେଶୋରାମ କେଡିଆଙ୍କ ସୁଯୋଗ୍ୟ ନାତି ରାଧାରମଣ କେଡିଆଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଥମ ସମାପ୍ତି ସୂଚକ ଆକଳନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁତୋଷ କେଡିଆ, ବିଭୋର କେଡିଆ, ପ୍ରମୋଦ ସା, ଗାୟତ୍ରୀ ପରିବାର, କେଡିଆ ପରିବାର ତଥା ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ, ରଞ୍ଜିତା ନାଗ, ଆକାଂକ୍ଷା ରାଣୀ ଯୋଶୀ, ପାଚିକା ଗୁଣମତି ମହାଲିଙ୍ଗ ଓ ଗୀତା ଦର୍ଜୀ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ବିନ୍ଦୁ ମହାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକବାଦ୍ୟରେ ଦୁଲୁକିଲା ମଞ୍ଚ




**ଟିଟିଲାଗଡ଼, ୧୧।୧(ସମିସ):** ଟିଟିଲାଗଡ଼ ବ୍ଲକସ୍ତରୀୟ ଲୋକ ମହୋତ୍ସବରେ ଗ୍ରାମାଞ୍ଚଳର ପ୍ରତିଭା ନିଜ କରିସ୍ମା ଦେଖାଇବା ସହ ପ୍ରଶଂସା ଗୋଟାଇଛନ୍ତି। ଇଷ୍ଟ ଦେବୀ ମାଁ ଘଣ୍ଟାଶୁନିଙ୍କ ପୂଜାର୍ଚ୍ଚନା ପରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ପୌରାଧକ୍ଷା ମମତା ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ କଳାର ମାଟି ଟିଟିଲାଗଡ଼ ଅଞ୍ଚଳର କଳାକାର ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା କହିଥିଲେ। ବିଡିଓ ଚନ୍ଦ୍ରମଣୀ ନାଗ, ବ୍ଲକ ଅଧ୍ୟକ୍ଷ ସଂଯୁକ୍ତା ନାଏକ, ଉପାଧ୍ୟକ୍ଷ ଜଗତରାମ ରଣା, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଟିକି ପୋଡ଼, ଜେଡକେଏସଏସ ବଲାଙ୍ଗିର ସଭାପତି ସୁଦାମ ବିଶି ପ୍ରମୁଖ ମଞ୍ଚାସିନ ଥିଲେ। ବିଶିଷ୍ଟ କଳାକାର ଶାନ୍ତନୁ ବେହେରା, ନୀଳମଣି ସାହୁ, ଗଗନ ବାଗ, ନିରାକାର ସାହୁ, ମୋହନଲାଲ ଶିକା, ପ୍ରଶାନ୍ତ ପଟ୍ଟନାୟକ, ପ୍ରମୋଦ ବଳବନ୍ତରାୟ ବିଚାରକ ଭାବରେ ଯୋଗ ଦେଇଥିଲେ। ଲୋକଗୀତ ସୋଲୋରେ ଗଙ୍ଗା ଶିକା ଏବଂ ତରୁଣ କୁମ୍ଭାର, ଗ୍ରୁପରେ ଠଣ ସୁନ୍ଦର ଓ ସାଥି ଏବଂ ରାମକୃଷ୍ଣ ଭଗତ ସିଂ ଓ ସାଥି, ଲୋକବାଦ୍ୟ ସୋଲୋରେ ତରୁଣ କୁମ୍ଭାର ଏବଂ ଜିତେନ୍ଦ୍ର ନାଗ, ଗ୍ରୁପରେ କୃଷ୍ଣଚନ୍ଦ୍ର ଭୋଇ ଓ ସାଥି ଏବଂ ତୁଳାରାମ ନାଗ ଓ ସାଥି, ଲୋକନୃତ୍ୟ ଗ୍ରୁପରେ ଆଦର୍ଶ ସାଂସ୍କୃତିକ ସଂଘ ନାରେନ ଏବଂ ଥବିର ପୁଝାରୀ ଓ ସାଥି ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବକୁ ମନୋନୀତ ହୋଇଛନ୍ତି।ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ବ୍ଲକ ଅଧିକାରୀ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଲୋକ ଉତ୍ସବ ସେମିନାର କମିଟି ପ୍ରସ୍ତୁତି ବୈଠକ

**ବଲାଙ୍ଗିର, ୧୧।୧(ସମିସ):** ଲୋକ ଉତ୍ସବ ସେମିନାର କମିଟି ପ୍ରସ୍ତୁତି ବୈଠକ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ରସରାଜ ଅଚ୍ୟୁତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଆସନ୍ତା ଦ୍ୱାବିଂଶ ଲୋକଉତ୍ସବ ଅବସରରେ କବି ସମ୍ମିଳନୀ ଏବଂ ଆଲୋଚନାଚକ୍ର ଯଥା୨୦ଏବଂ୨୧ଦୁଇଦିନ ହେବାନେଇ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତଙ୍କ ସହମତିରେ ଉଭୟ କାର୍ଯ୍ୟକ୍ରମରେ ଆଲୋଚକ ଏବଂ ଅତିଥିଙ୍କ ନାମ ପ୍ରସ୍ତାବ ନିଆଯାଇଥିଲା ସମସ୍ତଙ୍କୁ ଯୋଗାଯୋଗ କରିବା ପାଇଁ ବରିଷ୍ଠ ସଭ୍ୟ ସନାତନ ଠାକୁର ଏବଂ ଜୟନାରାୟଣ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଅବଦାନ ଥିବା ଲେଖକ କବିଙ୍କୁ ଚୟନ କରି ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୦ ତାରିଖ ଦିନ କୋଶଳ କଳାମଣ୍ଡଳ ପଡ଼ିଆରେ ଥିବା ପୁରୁଣା ମଞ୍ଚରେ କବି ସମ୍ମିଳନୀ ହେବ ଏବଂ ୨୧ ତାରିଖ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବଲାଙ୍ଗିରର ଲୋକ ସଂସ୍କୃତିରେ ଘୁଡକାର ସ୍ଥାନ ବିଷୟକୁ ନେଇ ଆଲେଚନା କରାଯିବ।ଏହାକୁ ଟାଉନ ଉଚ୍ଚବିଦ୍ୟାଳୟର ସାଂସ୍କୃତିକ ମଞ୍ଚରେ ଅନୁଷ୍ଠିତ ହେବାର ସ୍ଥିରୀକୃତ କରାଗଲା। ସେମିନାର କମିଟି ସହ ଅଧ୍ୟକ୍ଷ ପୁରୋହିତଙ୍କ ସହ ଅନ୍ୟସଭ୍ୟ ସନାତନ ଠାକୁର, ଜୟନାରାୟଣ ଆଚାର୍ଯ୍ୟ, ସଙ୍ଗୀତା ଦାସ, ଗୋଲାପ ବାଗ, ଲଳିତ ସାହୁ, ନରେନ୍ଦ୍ରନାଥ ମିଶ୍ର, ଜୟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ମୁରିବାହାଲ, ୧୧।୧(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହୁକୁମାର ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଦିନ ଯୋଗେଶ୍ୱର ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରଧାନ ଆଚାର୍ଯ୍ୟ ସୁମନା ନନ୍ଦ ଖମାରୀଙ୍କ ନେତୃତ୍ୱରେ ବାର୍ଷିକ ଉତ୍ସବରେ ମୁରିବାହାଲ ତହସିଲଦାର ଜଗଦିଶ କର୍ତ୍ତାମି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିବା ସହ ମନୁଷ୍ୟ ବିକାଶ ସଂସ୍କାର, ଓ ନିଷ୍ଠା ଦ୍ୱାରା ହୋଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ।ସମ୍ମାନିୟ ଅତିଥି ସାଂସଦ କର ପ୍ରତିନିଧି ଶ୍ରୀବସ୍ତ ବେହେରା, ବିଧାୟକ ଙ୍କର ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଯୋଗେଶ୍ୱର ମଠ, ମଠାଧୀଶ ସାଧୁ ସୁଶୀଲ ଦାସ, ପ୍ରମୁଖ ଉପସ୍ଥିତ ରହି ବାର୍ଷିକର ଉଦେଶ୍ୟ ଉପରେ ଆଲୋପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାନ୍ତ ମାତୃଶକ୍ତି ସଂଯୋଜିକା ବିଶ୍ୱହିନ୍ଦୁ ପରିଷଦର ସରସ୍ୱତୀ ନନ୍ଦ ଉପସ୍ଥିତ ରହି ସାମଜ ଗଠନରେ ଛାତ୍ରୀଛାତ୍ର କର୍ତ୍ତବ୍ୟ, ଉପରେ ମାର୍ଗ ଦର୍ଶନ କରି ଥିଲେ। କାର୍ଯ୍ୟକ୍ରମ ସରସ୍ୱତୀ ବିଦ୍ୟା ମନ୍ଦିର ସମ୍ପାଦକ ଭାରତ ଦାସ ପରିଚାଳନା କରି ଥିବା ବେଳେ, ଶିକ୍ଷକ ଗୋବିନ୍ଦ ଚରଣ ଦାସ, ପରିଚାଳନା କରିଥିଲେ, ପରିଚାଳନା କମିଟି ଉପସଭାପତି ଶିବ ଧରୁଆ, ସହ ସମ୍ପାଦକ ସୁଭାଷ ପଟ୍ଟନାୟକ, ଅଭୟ ନନ୍ଦ ଦାସ, ତରୁଣ ପୋଡ଼, ସହ ଗୁରୁମାମାନଙ୍କ ମଧରେ ନିଁଳେନ୍ଦ୍ରି ନାଗ, ଜ୍ୟାତିମୟୀ ଛନ୍ଦ, ଅନିତା ନାଏକ, ସଞ୍ଜୁତା ମହାକୁର, ବନିତା ସାହୁ, ସ୍ୱାତୀଶ୍ରୀ ସାହୁ, ଯଶୋବନ୍ତି ଖରସେଲ, ଜରିତା ନାଏକ, ସୋନିଆ ଭୋଇ, ମଞ୍ଜୁ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# 'ମୁଁ କଳାକାର' କଳା ବଦଳାଇଛି ସୁଦେଷ୍ଣାଙ୍କ ଜୀବନର ମୋଡ଼

ବଲାଙ୍ଗିର, ୧୧।୧(ସମିସ)

ସମସ୍ତେ କୁହନ୍ତି କଳାକାର ଜୀବନରେ ଅନେକ ଦୁଃଖ। କିନ୍ତୁ ଆଜି ଆମେ ଏଭଳି ଜଣେ କଳାକାରଙ୍କ କାହାଣୀ କହିବୁ ଯିଏ କଳା କ୍ଷେତ୍ରକୁ ଆସିବା ପରେ ସବୁକିଛି ପାଇଛନ୍ତି। ଅନୁକରଣୀୟ।

ବଲାଙ୍ଗିର ସହର ବେହେରାପାଲିରେ ରୁହନ୍ତି ସୁଦେଷ୍ଣା ଭୋଇ। ସ୍ୱର୍ଗତଃ ଲକ୍ଷ୍ମଣ ଭୋଇ ଓ ତପ ଭୋଇଙ୍କ କନ୍ୟା ହେଉଛନ୍ତି ସୁଦେଷ୍ଣା। ପିଲାଟି ଦିନରୁ ଅଭାବ ଅନାଟନ ମଧ୍ୟରେ ସଂଘର୍ଷ କରିଛନ୍ତି। କିନ୍ତୁ ହାରି ନାହାନ୍ତି। ସେହି ସଂଘର୍ଷ

*କଳା ପ୍ରତି କଳାକାର ରହିଥାଏ ସର୍ମପଣ ଭାବ। କଳାକୁ ବଞ୍ଚାଇବାକୁ ଅନବରତ କଳାକାର କରିଥାଏ ସଂଘର୍ଷ। ଏହି ସଂଘର୍ଷର ଭିଡ ଭିତରେ କିଛି ହଜିଯାଆନ୍ତି ତ ଆଉକିଛି ସଫଳ ହୁଅନ୍ତି। ଏହି ଭିଡ଼ ଭିତରେ ହଜିଯାଉଥିବା ଅନେକ କଳାକାର ଆଗାମୀ ପିଢ଼ୀ ପାଇଁ ଏକ ମଞ୍ଚ ତିଆରି କରିବାରେ ସଫଳ ହୋଇଥାନ୍ତି। ଏହିଭଳି କଳାକାରଙ୍କ ସଂଘର୍ଷ ସଫଳତାର କାହାଣୀକୁ ନେଇ ସକାଳର ଉପସ୍ଥାପନା 'ମୁଁ କଳାକାର'।*

ଏକଥା ଆମେ କହୁନୁ ସେ ନିଜେ କୁହନ୍ତି। ଦେଶ ବିଦେଶରେ ପଶ୍ଚିମ ଓଡ଼ିଶାର କଳା ପ୍ରଦର୍ଶନ କରିଥିବା ତଥା ଆଦିବାସୀ ସଂସ୍କୃତି ଉପରେ ଗବେଷଣା କରି ଭାରତ ସଂସ୍କୃତି ମନ୍ତ୍ରଣାଳୟରୁ ସମ୍ମାନଜନକ ଫେଲୋସିପ ପାଇଥିବା କଳାକାର ସୁଦେଷ୍ଣା ଭୋଇ(୩୨) ।କଳାକୁ ଆଦରି ପରିବାରର ବଡ ଦାୟିତ୍ୱ ଯେଉଁଭଳି ଭାବରେ ତୁଲାଉଛନ୍ତି ତାହା ଅନ୍ୟମାନଙ୍କ ପାଇଁ ତାଙ୍କୁ ଆଜି ଜଣେ ଉଦୀୟମାନ କଳାକାରର ପରିଚୟ ଦେଇଛି। ତାଙ୍କର କହିବା ଅନୁସାରେ ବାପାଙ୍କ ଦେହାନ୍ତ ପରେ ପରିବାରର ବୋଝ ତାଙ୍କ ଉପରେ ପଡ଼ିଛି। ମାଆ, ଦୁଇ ଭାଇ ଓ ଜଣେ ଭଉଣୀଙ୍କୁ ନେଇ ତାଙ୍କର ପରିବାର। ଛୋଟ ବୟସରୁ କଳା ପ୍ରତି ତାଙ୍କର ଇଚ୍ଛା ରହିଥିଲା। ଝିଅର ଇଚ୍ଛାକୁ ବାପା ବିରୋଧ କରିନଥିଲେ। ବଂର ତାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ କଳା କ୍ଷେତ୍ରରେ ଆଗେଇ ଯିବାକୁ। ୨୦୦୮ ମସିହାରେ ପ୍ରଥମ କରି ସେ ଲୋକ ମହୋତ୍ସବରେ ନୃତ୍ୟ



ପ୍ରଦର୍ଶନ କରିଥିଲେ। ସେହିଦିନ ଠାରୁ ଆଉ ପଛକୁ ଫେରିଦେଖି ନାହାନ୍ତି। ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ମୁମ୍ବାଇ, ଦିଲ୍ଲୀ, କୋଲକତା, ଜୟପୁର, ମଣିପୁର, ଆନ୍ଧ୍ରପ୍ରଦେଶ ରେ କଳା ପ୍ରଦର୍ଶନ କରିଛନ୍ତି। ପୁଣି ଦୁବାଇକୁ ଯାଇ ସେଠାରେ ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି ଲୋକକଳାକୁ ଖୁବ ସୁନ୍ଦର ଭାବରେ ପ୍ରଦର୍ଶନ କରିଛନ୍ତି। ଆଦିବାସୀମାନଙ୍କ ଜୀବନଶୈଳୀ ସମ୍ପୁର୍ଣ୍ଣ ଭାବରେ ତାଙ୍କର ପରମ୍ପରା, ସଂସ୍କୃତି ଉପରେ ନିର୍ଭରଶୀଳ। ଏଭଳି ଏକ ପରମ୍ପରା 'ଡକା' ସମ୍ପର୍କରେ ଗବେଷଣା କରି ୨୦୧୯-୨୦ରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ସମ୍ମାନଜନକ ଫେଲୋସିପ ପାଇଛନ୍ତି ସୁଦେଷ୍ଣା। ତେବେ କଳା କ୍ଷେତ୍ରରେ ନିଜର ଭବିଷ୍ୟତ ଗଢିବାରେ ସଫଳ ହୋଇପାରିଛନ୍ତି ସୁଦେଷ୍ଣା। ବାପାଙ୍କ ଦେହାନ୍ତ ପରେ ନିଜେ ସଂଘର୍ଷ କରି ପରିବାରର ବୋଝ ମୁଣ୍ଡାଇଛନ୍ତି। ବର୍ତ୍ତମାନ ସମୟରେ କଳା କ୍ଷେତ୍ରରେ ନିଜର ଭବିଷ୍ୟତ ଗଠନ କରିବାକୁ ଚାହୁଁଥିବା ଯୁବବର୍ଗଙ୍କ ସୁଦେଷ୍ଣା ପ୍ରେରଣାର ଉତ୍ସ ଅଟନ୍ତି।

### ତାମିଲନାଡୁରେ ଲେଫ୍ରିପଡ଼ା ଝିଅ ଫସିରହିବା ଘଟଣା

# ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ସତ୍ତ୍ୱେ ମିଳୁନି ସୁଫଳ



ସୁନ୍ଦରଗଡ଼, ୧୧।୧(ସମିସ)

ତାମିଲନାଡୁର ପୋଷାକ ତିଆରି କାରଖାନାରେ ଫସି ରହିଥିବା ଆଦିବାସୀ ବହୁଳ ଲେଫ୍ରିପଡ଼ା ବ୍ଲକର ଝିଅମାନଙ୍କୁ ଫେରାଇ ଆଣିବା ପାଇଁ ଅଭିଭାବକମାନେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଯାଏ ଗୁହାରୀ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ସେମାନେ

## ପଞ୍ଚମ ଦିନରେ ଅଭିଭାବକଙ୍କ ଧାରଣା

ସ୍ଥାନୀୟ ଡିଆରଡିଏ ଛକରେ ଧାରଣା ଜାରି ରଖିଛନ୍ତି। ଏହି ଧାରଣା ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଧାରଣାର ତୃତୀୟ ଦିନରେ ସେମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ପରେ ବି ଆନ୍ଦୋଳନକାରୀଙ୍କ ସହିତ ସାମାନ୍ୟ ଆଲୋଚନା କରିବାକୁ ପ୍ରଶାସନ ଆସିନାହିଁ। ଫଳରେ ଅଭିଭାବକମାନେ ଭୋକ ଶୋଷରେ ପଡ଼ି ରହିଛନ୍ତି। ଉକ୍ତ ଅଭିଭାବକଙ୍କ ମଧ୍ୟରେ ଅଧିକାଂଶ ଆଦିବାସୀ ବର୍ଗର ଅଛନ୍ତି। ମୁଖ୍ୟମନ୍ତ୍ରୀ ଖୋଦ ଏହି ବର୍ଗର ହୋଇଥିଲେ ହେଁ ସହଯୋଗର ହାତ ନ ବଢ଼ାଇବା ଉଦ୍‌ବେଗର କାରଣ ହୋଇଛି। ସୂଚନାଯୋଗ୍ୟ, ଲେଫ୍ରିପଡ଼ା ବ୍ଲକର ସମ୍ପୃକ୍ତ ଝିଅମାନଙ୍କୁ କମ୍ପ୍ୟୁଟର ତାଲିମ ପ୍ରଦାନ କରିବାକୁ କହି କଟକ ନିଆଯାଇ ଥିଲା। ତେବେ ସେଠାରେ ତାଙ୍କୁ କମ୍ପ୍ୟୁଟର ତାଲିମ ପରିବର୍ତ୍ତେ ସିଲେଇ ତାଲିମ ଦିଆଯାଇ ତାମିଲନାଡୁର ପୋଷାକ ତିଆରି କାରଖାନାରେ ନିୟୋଜିତ କରାଯାଇଛି। ତେବେ ପୋଷାକ ଉକ୍ତ କାରଖାନାରେ ତାଙ୍କୁ ହଇରାଣ ହରକତ କରାଯାଉଛି। ଏଣୁ ସେମାନେ ଘରକୁ ଫେରି ଆସିବାକୁ ଚାହୁଁଥିଲେ ଛଡ଼ାଯାଉ ନାହିଁ। ଅଭିବାବକମାନେ ପ୍ରଥମେ ସ୍ଥାନୀୟ ବିଡିଓ, ଶ୍ରମ ଅଧିକାରୀ, ଜିଲ୍ଲାପାଳ ପ୍ରମୁଖଙ୍କ ଜଣାଇ ବିଫଳ ହେବାପରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୋଶଳ ସମାଜ ମହାଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ଧାରଣା ଦେଇଛନ୍ତି। ଅଭିବାବକମାନେ ନିଜ ଝିଅଙ୍କ ଫେରାଇ ନ ଆଣିବା ଯାଏ ଧାରଣାରୁ ଓହରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବାବେଳେ ଜିଲ୍ଲା ପ୍ରଶାସନ ଏକ ପ୍ରକାର ଆଲୋଚନା ନ କରିବାକୁ ପଣ କରିଥିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି।

# ୨୨ ଘଣ୍ଟା ପରେ ଉଠିଲା ଶବ; ହଟିଲା ରାସ୍ତାରୋକ



ହେମଗିରି, ୧୧।୧(ସମିସ): ଦୁଇ ଟ୍ରକ୍ ମଧ୍ୟରେ ଧକ୍କାହୋଇ ଝାଡ଼ଖଣ୍ଡର ଧନବୀର ପାହାନ ନାମକ ଜଣେ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ପରିଜନ ଓ ଉତ୍ତ୍ୟକ୍ତ ଲୋକଙ୍କ ପକ୍ଷରୁ ରାସ୍ତା ଅବରୋଧ କରି କୋଇଲା ପରିବହନ ବନ୍ଦ କରାଯଇଥିଲା। ଏନେଇ ଶନିବାର ଆନ୍ଦୋଳନକାରୀଙ୍କ ସହ ହେମଗିର ପୁଲିସ, ବ୍ଲକ ପ୍ରଶାସନ ଓ ଖଣି କର୍ତ୍ତୁପକ୍ଷଙ୍କ ପକ୍ଷରୁ ଆଲୋଚନା କରାଯାଇ କ୍ଷତିପୂରଣ ପ୍ରଦାନ ଘୋଷଣା ପରେ ୨୨ ଘଣ୍ଟା ପରେ ଶବ ଉଠିବା ସହ ରାସ୍ତାରୋକରୁ ଓହରି ଥିଲେ। ଏ ନେଇ ହେମଗିର ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୂର୍ବତନ ବିଧାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା



ସୁନ୍ଦରଗଡ଼, ୧୧।୧(ସମିସ): ପୂର୍ବତନ ସୁନ୍ଦରଗଡ଼ ବିଧାୟକ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ଉପମୁଖ୍ୟ ସଚେତକ ସ୍ୱର୍ଗତ ଶଙ୍କର୍ଷଣ ନାଏକଙ୍କ ୨୦ତମ ପୁଣ୍ୟତିଥି ଅବସରରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ବରିଷ୍ଠ ନେତା କୂଳଦୀପ ସିଂ, ଗିରିଶ ସାହୁ, ଅଶୋକ ସାଏ, ସୁରେଶ ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଭେଷଜ ରଥ ପ୍ରମୁଖ ସ୍ୱର୍ଗତଃ ନାଏକଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରି ତାଙ୍କ ନୀତି ଓ ଆଦର୍ଶକୁ ଅନୁସରଣ କରିବାକୁ ଉପସ୍ଥିତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ସ୍ୱର୍ଗତ ନାଏକଙ୍କ ଧର୍ମପତ୍ନୀ ସୁଷମା ପଟେଲ,, ଡା. ବିପ୍ଳବ ନାଏକ, ଭେଷଜ ରଥ, ସୁରେନ୍ଦ୍ର ଭିତ୍ରିଆ, ବିକାଶ ନାଏକ, ପଶ୍ଚିମ ଓଡ଼ିଶା ପ୍ରାନ୍ତ ସ୍ୱଚ୍ଛଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ, ଜିଲ୍ଲା କୋଷାଧ୍ୟକ୍ଷ ଦିନେଶ କର, ଆରତୀ ପଟେଲ, ସିମେଶ୍ୱର ଲରିଆ, ସଂଯୁକ୍ତା ନାଏକ, ନଗର ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ, ସୁଦାମ ହୋତା ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳକର୍ମୀ ଯୋଗଦେଇ ଥିଲେ।

# ରାଏଡିହି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସୁନ୍ଦରଗଡ଼, ୧୧।୧(ସମିସ): ରାଏଡିହି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ଡ ଭୀମସେନ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱଜିତ ପଟେଲ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିପିନ ଚନ୍ଦ୍ର ପଟେଲ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡା, ମେଧା ଏବଂ ସାଂସ୍କୃତିକ ପ୍ରତିଯୋଗିତାର କୃତୀପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଗତବର୍ଷ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ତିନିଜଣ ଛାତ୍ରଛାତ୍ରୀଙ୍କୁ ୫ ହଜାର, ୩ ହଜାର ଏବଂ ୨ ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା।

# ଜଳ ସଂରକ୍ଷଣ ସଚେତନତା ଅଭିଯାନ




କୁତ୍ରା, ୧୧।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଜଳ ସଂରକ୍ଷଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତୁନମୁରା ସରପଞ୍ଚ ତରଣୀ ସେନ ବରିହା ଓ ସମ୍ମାନିତ ଅତିଥି ଭାବେ ଏସଏମସି ସଭାପତି ଶ୍ରୀକାନ୍ତ ମାଝୀ ଯୋଗଦେଇ ଥିଲେ। ଇକୋ କ୍ଲବ ଇନ୍‌ଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ବର୍ଷା ଜଳର ସଂରକ୍ଷଣ ଓ ଏହାର ଉପଯୋଗିତା କିପରି କରାଯାଇପାରିବ ବିସ୍ତୃତ ଭାବରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ସଚେତନତା ଅଭିଯାନରେ ତୁନମୁରା ଅଞ୍ଚଳର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ସଉନାମରାରେ ଶୋକାକୁଳ ପରିବେଶ

# ଦିଲୀପ ତିର୍କୀଙ୍କ ପିତାଙ୍କ ଅନ୍ତିମ ସଂସ୍କାର



ବାଲିଶଙ୍କରା, ୧୧।୧(ସମିସ): ଶୋକାକୁଳ ପରିବେଶରେ ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀଙ୍କ ବାପା ଭିନସେଣ୍ଟ ତିର୍କୀଙ୍କ ଆଜି ଅନ୍ତିମସଂସ୍କାର କରାଯାଇଛି। ଶନିବାର ଅପରାହ୍ଣରେ ସଉନାମରା ଗ୍ରାମକୁ ତାଙ୍କ ମରଶରୀର ଅଣାଯାଇଥିଲା। ଖ୍ରୀଷ୍ଟିଆନ ଧର୍ମ ସମ୍ପ୍ରଦାୟଙ୍କ ରୀତିନୀତି ଅନୁସାରେ ତାଙ୍କ ମରଶରୀରକୁଚବକ ସହ ପୋତି ଦିଆଯାଇଥିଲା। ତାଙ୍କ ଶେଷଦର୍ଶନ ପାଇଁ ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜେନ ଏକ୍କା, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଭୟ ପଟ୍ଟନାୟକ, ପୂର୍ବତନ ଅଲମ୍ପିଆନ ଲାଜରୁସ ବାର୍ଲା, ପୂର୍ବତନ ଭାରତୀୟ ହକି ଅଧିନାୟକ ପ୍ରବୋଧ ତିର୍କୀ, ହକି ପ୍ରଶିକ୍ଷକ ବିଜୟ ଲାକଡ଼ା, ତୀରନ୍ଦାଜ ପ୍ରଶିକ୍ଷକ, ଫୁଟବଲ ପ୍ରଶିକ୍ଷକ, ହକି ପ୍ରଶିକ୍ଷକ ତେଜ କୁମାର ଖେସ୍, ସ୍ଥାନୀୟ ସରପଞ୍ଚ ଚୁଲୁ ବାର୍ଲା, ପରିବାର ବର୍ଗ ତାଙ୍କ ପୁଅବୋହୂ ଦିଲୀପତିର୍କୀ-ମୀରା ତିର୍କୀ, ଫ୍ରାନ୍ସିସ ତିର୍କୀ, ମୁନିଆ ତିର୍କୀ, ଅଜିତ ତିର୍କୀ, ମିନତୀ ତିର୍କୀ, ଝିଅ ଜ୍ୱାଇଁ ଜ୍ୟୋତି ତିର୍କୀ, ଅଜୟ ତଥା ଗ୍ରମବାସୀ, ବହୁ କ୍ରୀଡ଼ାବିତ ଉପସ୍ଥିତ ଥିଲେ। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ୩ ଦିନତଳେ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ୨ଟା ୩୦ ସମୟରେ ମୃତ୍ୟୁ ଘଟିଥିଲା। ସେ ଜଣେ ସିଆରପିଏଫର ଅବସରପ୍ରାପ୍ତ ଯବାନ ଥିଲେ। ଏହାସହ ସେ ଜଣେ ଜାତୀୟସ୍ତରୀୟ ହକି ଖେଳାଳି ଥିଲେ। ପତ୍ନୀ ରେଜିନା ତିର୍କୀଙ୍କ ବିୟୋଗ ପରେ ସେ ସମ୍ବଲପୁରରେ ନିଜ ତୃତୀୟ ପୁତ୍ର ଅଜିତଙ୍କ ସହ ରହୁଥିଲେ।

# ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସୂର'ର ବାର୍ଷିକ ଉତ୍ସବ

ସୁନ୍ଦରଗଡ଼, ୧୧।୧(ସମିସ): ସୁନ୍ଦରଗଡ଼ର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସୂରର ୩୩ତମ ବାର୍ଷିକୋତ୍ସବ ଜିଲ୍ଲା ସଂସ୍କୃତି ଭବନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ସୁରର ସଭାପତି ଚୈତାଳି ଦତ୍ତଙ୍କ ସଭାପତିତ୍ୱରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଏବଂ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗ ଦେଇଥିଲେ। ସୂର ସମ୍ପାଦକ ଭୂପେନ ଅମାତ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀମତି ଦତ୍ତ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ବିଗତ ୩୨ବର୍ଷର କାର୍ଯ୍ୟସୂଚୀର ତଥ୍ୟ ଉପସ୍ଥାପନ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଚଳିତ ବର୍ଷ ସୂର ସମ୍ମାନ ବରିଷ୍ଠ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ତଥା ସୁସାହିତ୍ୟିକ ଗୋପକୃଷ୍ଣ ନାୟକଙ୍କୁ ପ୍ରଦାନ କରା ଯାଇଥିଲା। ସସ୍ମିତା ପଣ୍ଡା ସଭା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଲିକତାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଅମିତ ଗାଙ୍ଗୁଲି ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ଏକ ମନୋଜ୍ଞ ସଂଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂର ପରିବାରର ବରିଷ୍ଠ ସଭ୍ୟ ସମୀର କୁମାର କରଙ୍କ ତତ୍ତ୍ୱାବଧାନ ଏବଂ ମଞ୍ଜୁ ପୃଷ୍ଟି, ମାନସୀ ପଣ୍ଡା, ପ୍ରଗତୀ ମହାନ୍ତି, କିଶୋର ନାୟକ, ମିତ୍ରଭାନୁ ଚିତା, ରଞ୍ଜନ ମହାପାତ୍ର, ପୁଷ୍ପିତା ଅମାତ, ଦେବାଶିଷ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।

# ଟ୍ରାକ୍ଟରରେ ଖଞ୍ଜା ହୋଇଥିବା ଧାନ ମେସିନ ଚୋରି

ସୁନ୍ଦରଗଡ଼, ୧୧।୧(ସମିସ): ଜେ.ରାଏବଗା ଗ୍ରାମର ଜଣେ ବ୍ୟକ୍ତିଙ୍କ ଖଳାରୁ ଟ୍ରାକ୍ଟରରେ ଖଞ୍ଜା ହୋଇଥିବା ଏକ ଧାନପେସା ମେସିନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ହୀରାମଣି ମେହେରଙ୍କ ପରିବାର ଲୋକେ ଦୁଇ ଦିନ ଘରେ ଅନୁପସ୍ଥିତ ରହିଥିଲେ। ଏଥିରେ ସୁଯୋଗରେ କେହି ଦୁର୍ବୃତ୍ତ ଏକ ଧାନ ମେସିନ ଚୋରାଇ ନେଇଛି। ଶନିବାର ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସେବାନିବୃତ ସଂଘର ବାର୍ଷିକ କାର୍ଯ୍ୟସୂଚୀ ଗୃହୀତ

ସୁନ୍ଦରଗଡ଼, ୧୧।୧(ସମିସ): ସ୍ଥାନୀୟ ସେବା ନିବୃତ ସରକାରୀ କର୍ମଚାରୀ ସଂଘର ବାର୍ଷିକ କାର୍ଯ୍ୟସୂଚୀ ଅନୁଷ୍ଠିତ କାର୍ଯ୍ୟନିର୍ବାହୀ ବୈଠକରେ ଗୃହୀତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟନିର୍ବାହୀ ବୈଠକରେ ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ଦିନ କାର୍ଯ୍ୟନିର୍ବାହୀ ବୈଠକ ହେବ। ସେହିପରି ଜାନୁଆରୀ ୫ ତାରିଖରେ ବାର୍ଷିକ ବନ୍ଧୁ ମିଳନ, ୨୬ ଜାନୁଆରୀ ସାଧାରଣ ତନ୍ତ୍ର ଦିବସ, ଫେବୃଆରୀ ୪ ରେ ସଂଘର ପ୍ରତିଷ୍ଠା ଦିବସ ଓ ବାର୍ଷିକ ସାଧାରଣ ଅଧିବେଶନ, ମାର୍ଚ୍ଚ ୨୦ରେ ବିଶ୍ୱ ପଖାଳ ଦିବସ, ଏପ୍ରିଲ ୧ ରେ ଉତ୍କଳ ଦିବସ ଓ କବିତା ପାଠୋତ୍ସବ, ୩ ଜୁନରେ ସରବର ବଣ୍ଟନ, ଜୁନ୍ ୧୫ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ। ଜୁଲାଇ ୧ ରୁ ୭ ବନମହୋତ୍ସବ, ଜୁଲାଇ ୮ ରେ ରସଗୋଲା ଦିବସ, ଅଗଷ୍ଟ ୧ ସମ୍ବଲପୁରୀ ଦିନ, ଅଗଷ୍ଟ ୧୫ ସ୍ୱାଧିନତା ଦିବସ, ୨୧ ଅଗଷ୍ଟ ବରିଷ୍ଠ ନାଗରିକ ଦିବସ, ୨୭ ଅଗଷ୍ଟ ଗଣେଶ ପୂଜା, ସେପ୍ଟେମ୍ବର ୨ ବିଶ୍ୱ ନଡ଼ିଆ ଦିବସ, ଅକ୍ଟୋବର ୧ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ଓ ସ୍ୱାସ୍ଥ୍ୟ ଶିବିର, ୨ ଅକ୍ଟୋବର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ୩୦ ଅକ୍ଟୋବର ୫ ନଭେମ୍ବର ଭାଗବତ ପାରାୟଣ ଡିସେମ୍ବର ୧୭ ପେନସନର ଦିବସ ତଥା ଏପ୍ରିଲ ୧୩ ଦିନ ସୁନ୍ଦରଗଡ଼ରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘର ସାଧାରଣ ଅଧିବେଶନର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି।

# ଜାତୀୟ ଯୁବ ଦିବସ ପାଳିତ



ସୁନ୍ଦରଗଡ଼, ୧୧।୧(ସମିସ): ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ସମାଜର ବିଭିନ୍ନ ସମସ୍ୟାକୁ ସମାଧାନ କରିପାରିବା ବୋଲି କହିଥିଲେ। ଆର୍ଶ ବିଦ୍ୟାପୀଠ ସ୍ୱାମୀ ତନିଷ୍ଠାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଅନେକ ଆଧ୍ୟାତ୍ମିକ ବାର୍ତ୍ତା ଦେଇଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ନୂତନ ଖମାରୀ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ। ଯୁବ ରେଡ୍ କ୍ରସ ସଂସ୍ଥାର ସଂଯୋଜକ (ଯୁକ୍ତ ତିନି) ଚିତ୍ତରଞ୍ଜନ ବାରିକ, (ଯୁକ୍ତ ଦୁଇ) ନିଲିମା ଭିତ୍ରିଆ ଏବଂ ଜାତୀୟ ସେବା ଯୋଜନା (ଯୁକ୍ତ ଦୁଇ) ସଂଯୋଜିକା ଦୀପାଞ୍ଜଳି ହାଂସଦା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଚିରବ୍ରତ ଦତ୍ତ ଅତିଥି ପରିଚୟ ଓ ସୁଷମା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ଘରୁ ମୋବାଇଲ୍ ନେଇ ଯୁବକ ଚମ୍ପଟ

ସୁନ୍ଦରଗଡ଼, ୧୧।୧(ସମିସ): ଭଷ୍ମା ଥାନା ଅଧୀନ ନଦୀସୁଗୁଡା ଗ୍ରାମରେ ଜଣେ ଅଚିହ୍ନା ଯୁବକ ଅଙ୍ଗନବାଡି କର୍ମୀଙ୍କ ଘରୁ ମୋବାଇଲ ମାଗି ଚମ୍ପଟ ମାରିଛନ୍ତି। ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀ ଘରେ ନ ଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ଘରକୁ ଆସି କିଛି ସମୟ ପାଇଁ ମୋବାଇଲ ମାଗିଥିଲେ। ଘରର ଜଣେ ଛୋଟ ପିଲା ମୋବାଇଲ ଆଣି ଧରାଇ ଦେବା ପରେ ଏହାକୁ ନେଇ ସେ ଫେରାର ହୋଇ ଯାଇଥିଲା। ଏ ନେଇ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ବୈଠକ

ସୁନ୍ଦରଗଡ଼, ୧୧।୧(ସମିସ)

ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲାପାଳ ମନୋଜ ମହାଜନଙ୍କ ସଭାପତିତ୍ୱରେ ଶନିବାର ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଜିଲ୍ଲାରେ ହେଉଥିବା ବିଭିନ୍ନ ଅପରାଧଗୁଡ଼ିକୁ କିପରି ରୋକାଯାଇ ପାରିବ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ବିଶୃଙ୍ଖଳିତ ନହେବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ସଙ୍ଗୀନ ଅପରାଧ ରିପୋର୍ଟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଅଭ୍ୟାସଗତ ଅପରାଧୀ, ସାର୍ପ ସୁଟର୍ ଆଦିଙ୍କୁ ଧରିବା, ଜାତୀୟ ନିରାପତ୍ତା ଅଧିନିୟମ ଅନ୍ତର୍ଗତ ପ୍ରତିଷେଧକ ବନ୍ଦୋବସ୍ତ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା। ବିଭାଗୀୟ ଅଧିକାରୀ ମାନେ କୌଣସି ଅପରାଧ ତଥା ଘଟଣା ଘଟିବା ପୂର୍ବରୁ ସୂଚନା ହାସଲ କରି ଅପରାଧ ର ପ୍ରତିରୋଧ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖୁଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ମଟର ଯାନ ଦୁର୍ଘଟଣା, ବେଆଇନ ପାର୍କିଂ, ଟ୍ରାଫିକ ନିୟମ ଅନୁପାଳନ, ଜନସାଧାରଣ ଟ୍ରାଫିକ ନିୟମର ସଠିକ୍ ଭାବେ ଅନୁପାଳନ ଦ୍ୱାରା ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ନେଇ ଆଲୋଚନା ହୋଇଥିଲା। ଜିଲ୍ଲାରେ ଅପରାଧକୁ ହଟାଇବା ନିମନ୍ତେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ତୃଣମୂଳସ୍ତରରେ ସୂଚନାର ବହୁଳପ୍ରସାର ଅତ୍ୟନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ, ଅତିରିକ୍ତ ଜିଲ୍ଲାପାଳ, ସଦର, ପାନପୋଷ ଏବଂ ବଣାଇର ଉପଜିଲ୍ଲାପାଳ, ସମସ୍ତ ତହସିଲଦାର ଏବଂ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ।

## ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ କର୍ମଶାଳା



**ଭବାନୀପାଟଣା, ୧୧।୧(ସ ମିସ):** ସ୍ଥାନୀୟ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ କରାଯାଇଛି। ଡି.ଶ୍ୟାମ (ନିର୍ଦ୍ଦେଶକ, ଭିଜିଆଇ, ଭବାନୀପାଟଣା), ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଡି.ବିଜୟା (ଏକାଡେମିକ ଇନଚାର୍ଜ), ଡି.ପଦ୍ମିନୀ (ପରିଚାଳନା କମିଟି ସଦସ୍ୟା), ଡ. ସୁଦୀପ୍ତ ଜେନା, ଡ. ଆଦିତ୍ୟ ପଟ୍ଟନାୟକ ଯୋଗ ଦେଇଥିଲେ। ବେଙ୍ଗାଲୁରୁର ଏମଏସ ରମାଇଆହ୍ କଲେଜ ଅଫ୍ ସାଇନ୍ସର ବାୟୋଟେକ୍ନୋଲୋଜି ଏବଂ ଜେନେଟିକ୍ସ ବିଭାଗର ସହକାରୀ ପ୍ରଫେସର ଏବଂ ଡିସିଓଇ ଡକ୍ଟର ପ୍ରଶାନ୍ତ କୁମାର ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟେସନାଲ୍ ବାୟୋଲୋଜି ଏବଂ ବାୟୋଇନଫର୍ମେଟିକ୍ସ ବିଷୟରେ କହିଥିଲେ। ସେହିଭଳି ଆଇଆଇଟି ହାଇଦ୍ରାବାଦର ସ୍ୱାମୀ ଆୟାପ୍ପା (ସଫ୍ଟୱେର୍ ଡେଭଲପର) ଛାତ୍ରଛାତ୍ରୀଙ୍କୁ ଫୁଲ ଷ୍ଟାକ ୱେବ୍ ଡେଭଲପମେଣ୍ଟରେ ବ୍ୟବହୃତ ହେଉଥିବା ପ୍ରୋଗ୍ରାମିଂ ଲାଙ୍ଗୁଏଜ ଉପରେ କହିଥିଲେ। ଅଧ୍ୟାପକ ମନ୍ମଥ ସାହୁ, ଅଧ୍ୟାପିକା ପୂଜାରାଣୀ ନାୟକ, ଜ୍ୟୋତି ପଣ୍ଡା, ଅଧ୍ୟାପକ ଅଭିଜିତ ପଟ୍ଟଯୋଶୀ, ଅଧ୍ୟାପିକା ଶେଫାଳି ଯୋଶୀ, ଅଧ୍ୟାପିକା ଲିପିକା ନାଏକ, ଅଧ୍ୟାପିକା ଆୟୁଶି ଭୋଇ, ଅମୀୟ ମହାନ୍ତି, ବୈଷୟିକ ବିଭାଗର ସ୍ମରଣ ପାତ୍ର, ସିଦ୍ଧାର୍ଥ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସିଆରପିଏଫ୍ ପକ୍ଷରୁ ମିଲେଟ୍ସ ଖାଦ୍ୟମେଳା



ନୂଆପଡ଼ା, ୧୧।୧(ସମିସ): ସ୍ଥାନୀୟ ସିଆରପିଏଫ ୨୧୬ ବାଟାଲିୟନ କାର୍ଯ୍ୟାଳୟ ପରିସରରେ ମିଲେଟ୍ସ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖରିଆରରୋଡ୍ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ ଏବଂ ସମ୍ମାନିତ ଅତିଥି ଭାବେ ରକ୍ତଦାତା ମୋଟିଭେଟର ମନୋଜ ଡାଗା ଓ ରଚନା ଜୈନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମିଠା ସହ ୩୪ ପ୍ରକାର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ମେଳାରେ ସମସ୍ତ ସିଆପିଏଫ ଯବାନ ଓ ତାଙ୍କର ପରିବାରଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ଖାଦ୍ୟମେଳାର ମଜା ନେଇଥିଲେ।

## ମହୁଲଭଟା ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା, ୧୧।୧(ସମିସ): ନୂଆପଡ଼ା ଏନ୍ଏସି ଅଧୀନ ମହୁଲଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ, ମୁଖ୍ୟବକ୍ତା ଭାବେ ବିଇଓ ହେମସାଗର ମହାନନ୍ଦ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକଳା ଜଗତ, ବିଧାୟକ ପ୍ରତିନିଧି ଜୟ ଢ଼ୋଲକିଆ, ଜିଲ୍ଲାପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ଏସଏମସି ଅଧ୍ୟକ୍ଷ ପବନ ରଣା ଓ ଗିରିଧାରୀ ରଣା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱନାଥ ରଣା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅମିଲାଲ ଶବର, ମମତା ପଣ୍ଡା, ତନୁଜା ପଣ୍ଡା, ତୃପ୍ତିମୟୀ ପାତ୍ର, ଚିନ୍ମୟୀ ମହାନ୍ତି ଓ ଖେଳ ଶିକ୍ଷକ ଭରତ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



# ‘ଘୁମୁରା’ ପାଇଁ ଉତ୍ସବମୁଖର କଳାହାଣ୍ଡି

**କେସିଙ୍ଗା, ୧୧।୧(ସମିସ):**



କେସିଙ୍ଗା ବ୍ଲକ ପକ୍ଷରୁ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡ଼ିଆ ପରିସରରେ ଚାଲିଥିବା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ୨ ଦିନ ହେଲା ନାଚଗୀତର ଆସର ଜମିଛି। ସଦର ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଡ଼ିଓ ପଦ୍ମନାଭ ପୁରୋହିତ, ଭାରପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ସିଂଦେଓ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ ଏବଂ ପିଡି ଦୟାମୟ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ଞାନେନ୍ଦ୍ର ଭୋଇ ଓ ତପନ ଦାଶ ମଞ୍ଚ ପରିଚାଳନା କରିଥିଲେ।

ମ. ରାମପୁର: କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକରେ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଉଦ୍ଯାପିତ ହୋଇଯାଇଛି। ମା’ ଡୋକରି ମନ୍ଦିରରୁ ମଶାଲଯାତ୍ରା ଆରମ୍ଭ ହୋଇ ଥିଲା। ବିରାଟ ପଟୁଆରାରେ ମଶାଲ ଶୋଭାଯାତ୍ରା ଗୋଟିପୁଅ ନାଚ, ଘୁମୁରା, ଆଦିବାସୀ ନୃତ୍ୟ ଆଦି ଅନେକ ସାଂସ୍କୃତିକ ଦଳ ସହ ହଜାର ହଜାର ଲୋକଙ୍କ ଗ୍ରହଣରେ ଦୁର୍ଗା ମାଧବ ଖେଳ ପଡ଼ିଆରେ ପହଞ୍ଚିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆ ଯୋଗ ଦେଇଥିଲେ। ଅତିରିକ୍ତ ବିଡିଓ ଲକ୍ଷ୍ମଣ ପଧାନ ସଭାପତିତ୍ୱ କରିଥିଲେ। ଉଦ୍ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହ ଦେଓ, ତହସିଲଦାର ସୁଧାକର ରଇତ, ଓଡ଼ିଶା ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ମ.ରାମପୁର ସରପଞ୍ଚ ବୀଣାପାଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସୁଧୀର ନାଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା ଧନ୍ୟବାଦ୍ ଅର୍ପଣ କରିଥିଲେ।

ଲାଞ୍ଜିଗଡ଼: କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ କାର୍ଜି ମାଝୀ ମଞ୍ଚରେ ୨୭ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଉଦ୍ଯାପିତ ହୋଇଯାଇଛି। ବିଶ୍ୱନାଥପୁର ଭୈରବ ପୀଠରୁ ମଶାଲ ବାହାରି ଏକ ବିରାଟ ଶୋଭାଯାତ୍ରାରେ ବିଶ୍ୱନାଥପୁର ସହର ପରିକ୍ରମା କରି ଖେଳ ପଡ଼ିଆସ୍ଥିତ କାର୍ଜି ମାଝୀ ମଞ୍ଚକୁ ନିଆଯାଇଥିଲା। ଏହି ମଶାଲ ଶୋଭାଯାତ୍ରାରେ ଲାଞ୍ଜିଗଡ଼ ବ୍ଲକ ୨୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବିଭିନ୍ନ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ପଞ୍ଚାୟତ ସମିତି ଅଧୀନରେ ଥିବା ବିଭିନ୍ନ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ଡା. ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ, ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଦକ୍ଷ ସଞ୍ଜୀବ ନାୟକ, ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ସିଏସଆର ମୁଖ୍ୟ ଶିଶିର ତରଫଦାର, ବ୍ଲକ ସମିତି ସଭ୍ୟ ସଭାପତି ଜଗଦୀଶ ବେନିଆଁ, ବ୍ଲକ ସରପଞ୍ଚ ସଂଘ ସଭାପତି ସାଣ୍ଡରୁ ମାଝୀ, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ସାମାଜିକ କର୍ମୀ ଲକ୍ଷ୍ମୀଧର ସନ୍ତୋଷ ରାୟ ସମେତ ଲାଞ୍ଜିଗଡ଼ ବ୍ଲକର ୨୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମଞ୍ଚାସୀନ ଥିଲେ। ଗୋପାଳ ଦାସ ମହାନନ୍ଦ ଓ ସୁଶୀଲ ବାଗ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କରାଟେ କୋଚ୍ କ୍ଷମାନିଧି ମହାଖୁଡ, ବେଦାନ୍ତ ଡାକ୍ତରଖାନା ଆମ୍ବୁଲାନ୍ସ ପରିଚାଳକ ଅମର ମହାନ୍ତି, ଲାଞ୍ଜିଗଡ଼ରୋଡ଼ ଫାର୍ମାସିଷ୍ଟ ରବୀନ୍ଦ୍ର ସାହୁ, ଲାଞ୍ଜିଗଡ଼ର ଟୁନା ପାଣିଗ୍ରାହୀ, ପାଣିମୁଣ୍ଡା ସ୍କୁଲର ବରିଷ୍ଠ ଶିକ୍ଷକ ତପନ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ‘ସାରାବିଶ୍ୱକୁ ବାନ୍ଧି ରଖିଛନ୍ତି ପ୍ରବାସୀ’

ଭବାନୀପାଟଣା, ୧୧।୧(ସମିସ): ସାରା ବିଶ୍ୱ ଗୋଟିଏ ପରିବାର ହୋଇଯାଇଛି। ପ୍ରବାସୀ ହିଁ ସାରା ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି। ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୧୮ ତମ ପ୍ରବାସୀ ଭାରତୀୟ ଦିବସରେ ଏହି ମତ ପ୍ରକାଶ ପାଇଛି। ଏଥିରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ‘ବିକଶିତ ଭାରତରେ ପ୍ରବାସୀମାନଙ୍କ ଅବଦାନ’ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥଲା। ସୁଶ୍ରୀ ଲିପ୍ସା ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ତଥା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ପିତାମ୍ବର ଭୋଇ ପ୍ରବାସୀ ଭାରତୀୟମାନଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ପ୍ରବାସୀ ଭାରତୀୟଙ୍କ ସମ୍ବନ୍ଧରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ଦିଗାମ୍ବର ପାତ୍ର (ଆମେରିକାନ ୟୁନିଭରସିଟି ଅଫ୍ ବେଇରୁଟ, ଲିଆବାନନରୁ), ଡକ୍ଟର ନୀଳମାଧବ କର (ମାନସିକ ରୋଗ ବିଶେଷଜ୍ଞ), ଡକ୍ଟର ସୁନନ୍ଦା ମିଶ୍ର (ସାମାଜିକ ଉଦ୍ୟୋକ୍ତା), ଚନ୍ଦ୍ରା ମିଶ୍ର (ଅବସରପ୍ରାପ୍ତ ମେଡିକାଲ ସାଇଣ୍ଟିଷ୍ଟ), ମନିଷ ସୁବୁଦ୍ଧି, (ବରିଷ୍ଠ ସଫ୍ଟୱେର ଇଞ୍ଜିନିୟର) ପ୍ରମୁଖ ଯୋଗଦେଇ ପ୍ରବାସ ଜୀବନର କାହାଣୀ ବଖାଣିଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ଡକ୍ଟର କୈଳାସ ଚନ୍ଦ୍ର ଦାସ ପ୍ରବାସୀ ଭାରତୀୟମାନଙ୍କ ସଫଳତା ବିଷୟରେ ମତବ୍ୟକ୍ତ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ଡକ୍ଟର ମଧୁଲିକା ସାହୁ ପ୍ରବାସୀ ଭାରତୀୟମାନଙ୍କ ଉପରେ ନିଜର ଅଭିମତ ପ୍ରକାଶ କରିଥିଲେ। ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ ଉପସ୍ଥିତ ରହି ପ୍ରବାସୀ ଭାରତୀୟମାନଙ୍କ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



### ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

## ନିଜ ଦାୟିତ୍ୱ ଠିକ୍‌ରେ ତୁଲାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**ଭବାନୀପାଟଣା, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସର ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୨୬ ତାରିଖ ଭୋର ୫ଟାରେ ସହରରେ ଡାକବାଜି ଜନ୍ତ୍ର ଯୋଗେ ରାମଧୁନ ପରିବେଷଣ କରାଯିବ। ସକାଳ ୭ଟାରେ ସହରର ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସରକାରୀ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ସକାଳ ସାଢେ ୭ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୮ଟା ୩୦ରେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଅଭିବାଦନ ଗ୍ରହଣ ଓ ମିଳିତ ପରେଡ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ସହ ରକ୍ତଦାନ ଶିବିର, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ଓ ଝୋଟି ପ୍ରତିଯୋଗିତା, ପ୍ରଦର୍ଶନୀ ଭଲିବଲ ମ୍ୟାଚ, ସନ୍ଧ୍ୟାରେ ଟାଉନ ହଲ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ ନାଏକ, ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ମା ମଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରାର ଜୟଦେବ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟସମର୍ପ୍ପା ରାଉତ, ଭବାନୀପାଟଣା ତହସିଲଦାର ଶୁଭସ୍ମିତା ମିଶ୍ର, ରୁପସିଙ୍ଗ ରାଉତ, ଉଚ୍ଛବ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ଜଳଯୋଗାଣ ବନ୍ଦ; ତାତିଲେ ସ୍ଥାନୀୟ ଲୋକ

**କେସିଙ୍ଗା, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନଏସିରେ ୩ ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଏଣୁ ସହରବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସହରବାସୀ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ତୁରନ୍ତ ଜଳ ଯୋଗାଣ ପାଇଁ ଦାବୀ କରିଥିଲେ। କାଉନସିଲର ରୋହିତ ଜୈନ, ବିଜୟ ଦୀପ, ତ୍ରିନାଥ ନାଏକ ପ୍ରମୁଖଙ୍କ ସମେତ କେସିଙ୍ଗା ସହରବାସୀ ଉପସ୍ଥିତ ଥିଲେ।

କେସିଙ୍ଗା ସହରରେ ପ୍ରାୟ କୋଡିଏ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ଶତକଡା ଅଶୀ ଭାଗ ଲୋକ ଜନ ସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ଯୋଗାଣ ଉପରେ ନିର୍ଭର କରିଥାନ୍ତି; କିନ୍ତୁ ସ୍ଥାନୀୟ ଜଳ ଯୋଗାଣ ବିଭାଗ ଲୋକଙ୍କ ସମସ୍ୟା ପ୍ରତି ଅଣ ଦେଖା କରି ମନମୁଖୀ ଜଳ ପରିଚାଳନା କରୁଛି। ଏଣୁ ଏହିଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।



## କେସିଙ୍ଗା ସହରରେ ଟଙ୍କା ଅଭାବ

- ଦଶ ଦିନ ହେଲା ସବୁ ଏଟିଏମ୍ ଖାଲି
- ବ୍ୟାଙ୍କରେ ମଧ ଟଙ୍କା ନାହିଁ

କେସିଙ୍ଗା, ୧୧।୧(ସମିସ): କେସିଙ୍ଗା ସହର କଳାହାଣ୍ଡି ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ହବ୍। ଏଠାରେ ପ୍ରାୟ ସମସ୍ତ ବ୍ୟାଙ୍କର ଶାଖା ଅଛି। ସହରରେ ସମୁଦାୟ ୧୦ଟି ବ୍ୟାଙ୍କ ରହିଛି। ସମସ୍ତ ବ୍ୟାଙ୍କର ଏଟିଏମର ମଧ୍ୟ ଖୋଲାଯାଇଛି; ଜାନୁଆରୀ ୧ରୁ କୌଣସି ବ୍ୟାଙ୍କ ଓ ଏଟିଏମରେ ପଇସା ନାହିଁ। ଏଣୁ ଉପଭୋକ୍ତା ହଇରାଣ ହେଉଛନ୍ତି। ତେବେ ଏ ନେଇ କେସିଙ୍ଗା ଏସବିଆଇର ପରିଚାଳକ ରୋହିତ ମହାନନ୍ଦଙ୍କୁ ପଚାରିବାରୁ ଟଙ୍କା ଅଭାବ ସାରା ଓଡ଼ିଶାରେ ଚାଲିଛି। ରିଜର୍ଭ ବ୍ୟାଙ୍କରୁ ଟଙ୍କା ବାହାରି ସାରିଲାଣି। ସପ୍ତାହ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ।

## ଚନ୍ଦ୍ରଭାଗାରେ ପୁସ୍ତକ ଉନ୍ମୋଚନ ଉତ୍ସବ



ଭବାନୀପାଟଣା, ୧୧।୦୧ (ସମିସ): କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନାଙ୍କ ତୃତୀୟ କବିତା ସଙ୍କଳନ ‘ଲିଭି ଆସୁଥିବା ଚୁଲି’ ଏବଂ ଚର୍ଚ୍ଚିତ କବିତା ସଙ୍କଳନ ଶୋଷର ହିନ୍ଦୀ ଅନୁବାଦ ‘ପ୍ୟାସ୍’ ୧୧ତମ ଚନ୍ଦ୍ରଭାଗା ପୋଇଟ୍ରି ଫେଷ୍ଟିଭାଲ ପୁରୀ ଜିଲ୍ଲା ଚନ୍ଦ୍ରଭାଗାରେ ଉନ୍ମୋଚିତନ ହୋଇଯାଇଛି। ଏଥିରେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଖ୍ୟାତ ଚିତ୍ରଶିଳ୍ପୀ ଯତୀନ ଦାସ, ପ୍ରଫେସର ମନୋରଞ୍ଜନ ମହାନ୍ତି, ସେଞ୍ଚୁରିଆନ୍ ବିଶ୍ୱ ବିଦ୍ୟାଳୟର କୁଳପତି ସୁପ୍ରିୟା ପଟ୍ଟନାୟକ, ଇଂରାଜୀ କବି ଅଶ୍ୱିନୀ କୁମାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ହିନ୍ଦୀ କବି ଅରୁଣ କମଳ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ଦୁର୍ଗା ପ୍ରସାଦ ପଣ୍ଡା, କବି ସ୍ୱପ୍ନା ମିଶ୍ର, କବି ପ୍ରତୀକ୍ଷା ଜେନାଙ୍କ ନୂଆ ବହି ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ବିଶିଷ୍ଟ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଆଶୁତୋଷ ପରିଡ଼ା, ଗାନ୍ଧିବାଦୀ କବି ଶୈଳଜ ରବି, କବି ସରୋଜ ମହାନ୍ତି, କେଦାର ମିଶ୍ର, ଟୀର ସିଂ, ଇନ୍ଦ୍ର ସିଂ, ମନୁଆ ଦାଶ, ଯାଦବେନ୍ଦ୍ର ଶାହାଙ୍କ ସହ ହିନ୍ଦୀ, ଇଂରାଜୀ ଏବଂ ବଙ୍ଗଳା କବିମାନେ ଉପସ୍ଥିତ ଥିଲେ।

### ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପିତ

# ଚାନ୍ଦିନୀ ସତ୍‌ନାମୀ ହେଲେ ଚାମ୍ପିଅନ

**ନୂଆପଡ଼ା, ୧୧।୧(ସମିସ):**



ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଉତ୍ସବକୁ ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ସର୍ବଶିକ୍ଷା ଅଭିଯାନର ପେଡ଼ାଗୋଜି ତଥା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶନିବାର ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ହେମନ୍ତ ଭୋଇ, ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ, ସଦର ସିଆରସିସି ଜିତେନ୍ଦ୍ର ଖମାରୀ, ଶରତ ପଣ୍ଡା, ପିରାମଲ ଫାଉଣ୍ଡେସନର ସଂଯୋଜକ ସୁଶ୍ରୀ ଶାଳିନୀ ଓ ରାଜନନ୍ଦିନୀ ପ୍ରମୁଖ ଯୋଗଦେଇଥିଲେ। ଅବସରରେ କ୍ରୀଡ଼ା ଜୀବନ ଜିଇଁବାର କୌଶଳ ଶିଖାଇଥାଏ। ଛାତ୍ରଛାତ୍ରୀ ପାଠପଢ଼ା ସହ ଖେଳକୁ ମଧ୍ୟ ଗୁରୁତ୍ୱ ଦେବା ଉଚିତ ବୋଲି ମତପୋଷଣ କରିଥିଲେ। ଦ୍ୱିଦିବସୀୟ ଖେଳ ଉତ୍ସବରେ ମୋଟ ୨୭ଟି ଇଭେଣ୍ଟରେ ସ୍କୁଲର ଦୁଇଶହରୁ ଅଧିକ ଛାତ୍ରୀ ଭାଗ ନେଇଥିଲେ। ସମସ୍ତ ଖେଳରେ ଚମତ୍କାର ଭାବେ ଖେଳ ପ୍ରଦର୍ଶନ କରିଥିବା ଚାନ୍ଦିନୀ ସତନାମୀଙ୍କୁ ଚାମ୍ପିଅନ ଘୋଷଣା କରି ପୁରସ୍କୃତ କରାଯାଇଛି। ସମସ୍ତ ଖେଳର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ମୁଖ୍ୟଅତିଥି ଭାବେ ଜାନ ସଭାପତି ଘନଶ୍ୟାମ ଭୋଇ ଯୋଗଦେଇ ପତାକା ଅବତରଣ କରି ସମାରୋପ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ାଶିକ୍ଷକ କୃଷ୍ଣଶ୍ୟାମ ଶବର ଖେଳ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ପ୍ରଜ୍ଞାପରିମିତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତେଶ୍ୱରୀ ସାହୁ, ଜିତେନ୍ଦ୍ର ସାହୁ, ଦେବରାଜ ବେହେରା, ସୁପ୍ରଭା ଠାକୁର, ଟିକେଲାଲ ବାଗ ଓ ମାନସ ରଞ୍ଜନ ଅଗସ୍ତୀ ସହଯୋଗ କରିଥିଲେ।

